

# ପିରାମିଡ୍ ଅଙ୍କର କମାଲ୍














ସହଦେବ ସାହୁ

# ପିରାମିଡ୍ ଅଙ୍କର କମାଲ

ସହଦେବ ସାହୁ

ପବ୍ଲିସିଂ ହାଉସ୍
ନୂଆପଲ୍ଲୀ, ଭୁବନେଶ୍ୱର

# ପିରାମିଡ୍ ଅଙ୍କର କମାଲ


| | | |
|---|---|---|
| ଲେଖକ | : | ସହଦେବ ସାହୁ |
| ପ୍ରକାଶକ | : | ପବ୍ଲିଶିଂ ହାଉସ୍<br>ଏନ୍-୬/୪୨୮, ଆଇ·ଆର୍·ସି· ଭିଲେଜ<br>ନୂଆପଲ୍ଲୀ, ଭୁବନେଶ୍ୱର-୧୫<br>ଫୋନ୍ ନଂ--୯୯୩୭୫୬୩୨୮୬ |
| ଅଙ୍ଗସଜ୍ଜା | : | ଉମାକାନ୍ତ ମହାନ୍ତି<br>ଷ୍ଟାମ୍ପସ୍ ଆଣ୍ଡ ଷ୍ଟାମ୍ପସ୍,<br>ଡି- ୩ , ବିଜେବି ନଗର ଭୁବନେଶ୍ୱର-୭୫୧୦୧୪ |
| ମୁଦ୍ରକ | : | କ୍ରିଏଟିଭ୍ ଅଫସେଟ୍, ନୂଆପଲ୍ଲୀ,<br>ଭୁବନେଶ୍ୱର-୧୫ |
| ପ୍ରଥମ ପ୍ରକାଶ | : | ୨୦୧୦ |
| ମୂଲ୍ୟ | : | ଟ ୩୮·୦୦ |


**Pyramid Ankara Kamal**

(Business Based on Pyramid Scheme )


| | | |
|---|---|---|
| Author | : | Sahadeva Sahoo |
| Publisher | : | Publishing House<br>N-6/428, IRC Village Nayapalli,<br>Bhubaneswar-751015 Ph. : 9937563286 |
| Layout | : | Umakanta Mohanty,<br>Stamps & Stamps , D- 3, B.J.B.Nagar<br>Bhubaneswar -751014 |
| Printer | : | Creative Offset<br>N-6/428, IRC Village, Nayapalli<br>Bhubaneswar-15, Ph. : 2552091 |
| 1st Edition | : | 2010 |
| Price | : | Rs. 38 .00 |

## ଆଜିକାଲିର ଠକାମି ସମ୍ପର୍କରେ ପଦେ ....

ଗୋର୍ବାଚୋଭଙ୍କ କାଳରେ ସୋଭିଏତ୍ ଋଷିଆରେ କମୁନିଜମ୍‌ର ବିଜୟ ଘଟିବା ପରେ ଉଦାର ଗଣତନ୍ତ୍ରର ପ୍ରସାର ଘଟିଲା, ପୃଥିବୀରେ ଗୋଟିକ ପରେ ଗୋଟିଏ ରାଷ୍ଟ୍ର ଘରୋଇ ପୁଞ୍ଜି ନିବେଶକୁ ଆହ୍ୱାନ କଲେ ଏବଂ କଳାବଜାରୀ ମୁନାଫାକୋର ଓ ଚୋରାଚାଲାଣକାରୀମାନେ ରାତିଅଧିଆ ଭଦ୍ରଲୋକ ପାଲଟିଗଲେ, ଟଙ୍କା ହିଁ ନୈତିକତାର ମାପକାଠି ହୋଇପଡ଼ିଲା । ୧୯୯୦ ଦଶକରୁ ଆରମ୍ଭ ହୋଇଥିବା ଏ ଘରୋଇକରଣ ନିଶା ୨୦୦୮-୯୦ରେ ଆମେରିକାର ବ୍ୟାଙ୍କ୍ ମାନଙ୍କୁ ଧରାଶାୟୀ କରିଥିଲେ ବି ଲୋକଙ୍କୁ ଠକୁଥିବା ଧନୀମାନଙ୍କୁ ଖୁବ୍ ଉଚ୍ଚ ଆସନ ଦେଉଛି । ଆମେ ଭାରତରେ ତାକୁ ଅନୁସରଣ କରୁଛୁ ।

ଯେନ ତେନ ପ୍ରକାରେଣ ଟଙ୍କା ପଇସା ହାସଲ କରିଥିବା ଲୋକେ ସରକାରୀ ଉଦାରତାର ସୁଯୋଗ ନେଇ ଲକ୍ଷପତିରୁ କୋଟିପତି, କୋଟିପତିରୁ ଅର୍ବୁଦପତି ହେବାରେ ଲାଗିପଡ଼ିଲେ । ନିଜ ଟଙ୍କା ପଇସାରେ କେହି ଧନୀ ହୋଇପାରେ ନାହିଁ, କାରଣ ଟଙ୍କା ପଇସାକୁ ବ୍ୟାଙ୍କରେ ରଖି ବର୍ଷକୁ ୯ କି ୧୦ ଶତାଂଶରୁ ବେଶି ପାଇ ହୁଏନାହିଁ, ପୁଣି ଯାହା ପାଇବ ତହିଁରୁ ଆୟକର କଟିବ । ଆୟକର ନ କଟିଲେ ବି ଲକ୍ଷେ ଟଙ୍କା ଦୁଇ ଲକ୍ଷ ଟଙ୍କା ହେବାକୁ ୧୦ ବର୍ଷ, ୪ ଲକ୍ଷ ହେବାକୁ କୋଡ଼ିଏ ବର୍ଷ, କୋଟିଏ ହେବାକୁ ୭୦ ବର୍ଷ ଲାଗିବ ।

ବ୍ୟବସାୟରେ ବର୍ଷକୁ ଟଙ୍କାରେ ଟଙ୍କାଏ ଲାଭ ହେଲେ ବି ଲକ୍ଷେ ଟଙ୍କା କୋଟିଏ ହେବାକୁ ୭ ବର୍ଷ ଲାଗିବ । ତେବେ ଅର୍ବୁଦପତି (ଅର୍ବୁଦ = ଲକ୍ଷେକୋଟି = ବିଲିୟନ୍) ହେବା ନିଜ ଧନରେ ଅସମ୍ଭବ । ଲକ୍ଷ ଲକ୍ଷ ଲୋକଙ୍କୁ କୌଣସି ଉପାୟରେ ଭୁଲାଇ ପାରିଲେ ସାଙ୍ଗେ ସାଙ୍ଗେ କୋଟି କୋଟି ଟଙ୍କା ମିଳିଯିବ, ଠକାଇ ପାରିଲେ ସେତକ ଟଙ୍କା ବି ଲୋକଙ୍କୁ ଫେରାଇବା ଦରକାର ନାହିଁ । ଏପରି ଠକାଇବାର ମୂଳରେ ଅଛି ପିରାମିଡ୍ ଅଙ୍କର ବ୍ୟବସାୟ, ପିରାମିଡ୍ ଢଙ୍ଗରେ ପୁଞ୍ଜି ଆହରଣ । ମାଛ ତେଲରେ ମାଛ ଭାଜିବାକୁ ହେଲେ ଲୋକଙ୍କୁ ପ୍ରଲୋଭବ ଦେଖାଇ (ଯଥା ଟଙ୍କାକୁ ବର୍ଷକରେ ୪ ଟଙ୍କା କରିଦେବି କହି ବା ଟଙ୍କାଏ ଉପରେ ୩ ମାସକୁ ସୁଧ ଦେବି କହି, ବା ଅମୁକ ଜିନିଷ ବିକିଲେ ମାସକୁ ଏତେ ଟଙ୍କା ପାଇବ, ବ୍ୟବସାୟ ଚାଲୁ ରଖିଲେ ଭବିଷ୍ୟତରେ ମାସକୁ ଲକ୍ଷ ଲକ୍ଷ ତୁମ ପାଖକୁ ଆପେ ଆପେ ଆସିବ କହି) - କୋଟି କୋଟି ଟଙ୍କା ଆଦାୟ କରିହେବ । ଚିଟ୍ ଫଣ୍ଡ ଓ ଥାକଥାକିଆ ବ୍ୟବସାୟ, ମାର୍କିନ୍ ଭାଷାରେ ପଞ୍ଜି ସ୍କିମ୍ ଓ ମଲ୍‌ଟିଟାସ୍କିଂ ଟ୍ରେଡ୍ ଚଳାଇ ଅର୍ବୁଦପତି ହେବା ସହଜ ।

ଏଭଳି ବୁଦ୍ଧିଆ-ଠକଙ୍କ କାରସାଦି ଦେଖାଇବା ଓ ତାହାଦ୍ୱାରା ଆମର ପିଲାମାନେ କିପରି ଠକମାନଙ୍କୁ ଚିହ୍ନିବେ ତାହା ଜଣାଇବା - ଏ ବହିଟିର ଉଦ୍ଦେଶ୍ୟ ।

ଲେଖକ

# ସୂଚୀପତ୍ର


ଗୁଜବ କେମିତି ବ୍ୟାପେ - ୧

ଖଳ ଦୋକାନୀ କିପରି ଫାଇଦା ମାରେ - ୮

ଚିଟ୍ ଫଣ୍ଡରେ କୋଟି କୋଟି ଟଙ୍କା କିନ୍ତୁ
ନିବେଶକର ଟଙ୍କା ପାଣିରେ ବୁଡେ - ୧୩

ଚିଟ୍ ଫଣ୍ଡ ମାମଲା ନୂଆ ଘଟଣା ନୁହେଁ - ୧୮

ମାମଲା ଚାଲେ, କିନ୍ତୁ ଶିକାର ହୋଇଥିବା
ଲୋକେ କିଛି ପାଆନ୍ତି ନାହିଁ - ୨୩

ନେତାମାନେ ଘଣ୍ଟ ଘୋଡାଇବା ଚାହିଁଲେ
ପୋଲିସ୍ ଢାଙ୍କୁଣୀ ଖୋଜେ - ୨୮

ପିରାମିଡ ବଣିଜରୁ ଶିକ୍ଷା - ୩୬


# ଗୁଜବ କେମିତି ବ୍ୟାପେ

ମୁହେଁ ମୁହେଁ ଖବରଟାଏ ହଜାର ହଜାର କିଲୋ ମିଟର ବ୍ୟାପିଯାଏ ବୋଲି ଆମେ କହୁଁ 'ତୁଣ୍ଡ ବାଇଦ ସହସ୍ର କୋଶ ।' ତୁଣ୍ଡ ବାଇଦ ବା ପାଟିର ଡେଙ୍ଗୁରା, ମାନେ ଗୁଜବ । ଗୁଜବ ବା ଉଡାଖବର କେମିତି ହଜାରେ କୋଶ ବ୍ୟାପେ, ତାହାର ବହୁତ ଉଦାହରଣ ଦେଇ ହେବ । ୧୯୮୨ରେ ସମ୍ବଲପୁର ସହରରେ ଗୁଜବ ବ୍ୟାପିଥିଲା ଯେ ହୀରାକୁଦ ବନ୍ଧ ଭାଙ୍ଗିଗଲା, ଲୋକେ ନ ବୁଝି ନ ଶୁଝି ଘର ଦ୍ୱାର ଛାଡି ସମ୍ବଲପୁର ସହରର ବୁଢା ରଜା ଆଉ ବୃଷ୍ଣ ହିଲ୍ ପାହାଡକୁ ଉଠିଲେ । ପୋଲିସ୍, ଲୋକସମ୍ପର୍କ ବିଭାଗ ଓ ଆକାଶବାଣୀ ମାଧ୍ୟମରେ ଏ ଏକ ମିଥ୍ୟା ଗୁଜବ ବୋଲି ପ୍ରଚାର କଲା ପରେ ଲୋକେ ନିଜ ନିଜ ଘରକୁ ଫେରିଲେ ।

୧୯୯୫ ସେପ୍‌ଟେମ୍ବର ୨୧ରେ ଗୁଜବ ହେଲା ସେ ଦିନଟା ହିଁ ଶିବ ଭକ୍ତ ହାତରୁ ଦୁଧ ପିଉଛନ୍ତି । ସେହି ଦିନକ ପାଇଁ ଶିବ ଦୁଧ ପିଇବେ ଏବଂ ପିଆଉଥିବା ଭକ୍ତର ସବୁ ଦୁଃଖ ଦୂର ହୋଇଯିବ - ଏ ପ୍ରକାରର ଗୁଜବ ଶୁଣି ଲୋକେ ଶିବ ମନ୍ଦିର ମାନଙ୍କରେ ଧାଡି ବାନ୍ଧିଲେ । ଆଉ ଏଭଳି ଦିନ ଆସିବ ନାହିଁ, ଏ ଗୁଜବ ଭିଡ ବଢାଇଦେଲା । ପୃଥିବୀ ସାରା ହିନ୍ଦୁ ମାନେ ଶିବ ମନ୍ଦିରରେ ଭିଡ ଜମାଇଲେ । ଗୋଟିଏ ଗୋଟିଏ ଶିବ ମନ୍ଦିରରେ ଏତେ ଭିଡ ହେଲା ଯେ ବହୁ ଦିନରୁ ଅପୂଜା ରହିଥିବା ଶିବ ଲିଙ୍ଗକୁ, ବରଗଛ କୋରଡରେ ଥିବା ଫଟା ପଥରର ଲିଙ୍ଗକୁ, ଲୋକେ ପୂଜା କଲେ, ତା ଉପରେ ଦୁଧ ଢାଳିଲେ । ଦୁଧ ଏମିତି ଅଭାବ ହେଲା ଯେ ଗଉଡ ଗିଲାସେ ପାଣିରେ ଦି ତିନି ଟୋପା ଦୁଧ ପକାଇ ଦୁଧ ଦରରେ ବିକିଲା । ଏ ଉଡା ଖବର ଫୋନ୍ ଜରିଆରେ ଦିଲ୍ଲୀରୁ ବ୍ୟାପିଥିଲା ।

ଆଉ କେହି ପ୍ରଚାର କଲେ, ଗଣେଷ ଦୁଧ ପିଉଛନ୍ତି, ଯାହା ହାତରୁ ପିଉଛନ୍ତି ତାହାର ସବୁ ଅନିଷ୍ଟ ଖଣ୍ଡନ ହେବ । ଲୋକେ ଗଣେଶ ମୂର୍ତ୍ତିକୁ ଚାମଚରେ ଦୁଧ ପିଆଇବାକୁ ମନ୍ଦିରରେ ଧାଡି ଲଗାଇଲେ ।

# ଗଣେଶଙ୍କ ଦୁଧ ପିଆ ଗୁଜବ




ନଭେମ୍ବର ୧୯୯୫

ଗୁଜବ ଯେମିତି ତୁଣ୍ଡରୁ ସାତ ତୁଣ୍ଡକୁ ବ୍ୟାପେ, ଖବର ବି ସେମିତି ବ୍ୟାପେ । ଆଜିକାଲି ଇଣ୍ଟରନେଟ୍ ଓ ମୋବାଇଲ ଫୋନ୍ ସୁବିଧା ଥିବାରୁ ଦିନ ଶେଷ ହେବା ପୂର୍ବରୁ ସାରା ଦେଶ କାହିଁକି, ପୃଥିବୀ ସାରା ବ୍ୟାପିଯାଏ ।

୧୯୮୪ ଅକ୍ଟୋବର ୩୧ ସକାଳେ ଇନ୍ଦିରା ଗାନ୍ଧି ନିଜର ଅଙ୍ଗରକ୍ଷୀ ଗୁଳିରେ ନିହତ ହେଲେ । ସେ ହସ୍‌ପିଟାଲରେ ମୃତ ହୋଇଥିଲେ ବି ଯେଉଁମାନେ ରାଜୀବ ଗାନ୍ଧିଙ୍କୁ ପ୍ରଧାନମନ୍ତ୍ରୀ କରିବାକୁ ଚାହୁଁଥିଲେ ସେମାନେ କଲିକତା ଗସ୍ତରେ ଥିବା ରାଜୀବ ଗାନ୍ଧି ଦିଲ୍ଲୀ ଫେରିବା ପର୍ଯ୍ୟନ୍ତ ଖବର ଲୁଚାଇଥିଲେ । କଂଗ୍ରେସ ଦଳରେ ଦଳାଦଳି ଲାଗିଯିବ ବୋଲି ଆଶଙ୍କା ଥିଲା । ସନ୍ଧ୍ୟା ୬ଟା ଯାଏ ଆକାଶବାଣୀରେ ବା ଦୂରଦର୍ଶନରେ ଇନ୍ଦିରା ଗାନ୍ଧିଙ୍କ ମୃତ୍ୟୁ ଖବର ପ୍ରକାଶ କରାଗଲାନାହିଁ, ତଥାପି ସାରା ଦେଶର ଲୋକେ ମଧ୍ୟାହ୍ନ ପୂର୍ବରୁ ଜାଣି ଯାଇଥିଲେ ।

ଆହୁରି ପୁରୁଣା ଖବର ହେଉଛି ୧୯୪୮ ମସିହା ଜାନୁଆରୀ ୩୦ରେ ମହାତ୍ମା ଗାନ୍ଧିଙ୍କ ହତ୍ୟା ଖବର । ସେତେବେଳେ ଦୂରଦର୍ଶନ ତ ନ-ଥିଲା, ଆକାଶବାଣୀର ପ୍ରସାର ବି କମ୍ ଥିଲା । ଆଜି ଯେମିତି ଗାଁ ଗହଳିରେ ଫୋନ୍ ବ୍ୟାପିଛି, ସେମିତି ବି ନ ଥିଲା । କିନ୍ତୁ

ସାରା ଦେଶର ଲୋକେ ସେହିଦିନ ଜାଣିଗଲେ ଆତତାୟୀର ଗୁଳିରେ ମହାତ୍ମା ଗାନ୍ଧିଙ୍କ ମୃତ୍ୟୁ ହୋଇଛି ।

ଏ ସବୁ ସମ୍ଭବ ହେଲା ଗୋଟିଏ ମୁହଁରୁ ତିନି କାନକୁ କଥା ଗଲା, ତିନି ଜଣରୁ ନଅ, ନଅରୁ ସତେଇଶି ଜଣକୁ କଥା ଗଲା ବୋଲି । କିପରି ବ୍ୟାପେ ଦେଖିବା ଆସ । ମନେ କର, ସକାଳ ୮ଟାରେ ଜଣେ ଶୁଣିଲା 'ହୀରାକୁଦ ବନ୍ଧ ଭାଙ୍ଗିଗଲା', ସତ କି ମିଛ ଯାଞ୍ଚ ନ କରି ସେ ଦଉଡିଲା ଲୋକଙ୍କୁ କହିବାକୁ । ଧରନ୍ତୁ ସେ ୧୦ ମିନିଟରେ ୩ ଜଣକୁ କହିଲା । ମୋଟରେ ୪ ଜଣ ଜାଣିଲେ । ଆଉ ୧୦ ମିନିଟରେ ନୂଆ କରି ଶୁଣିଥିବା ୩ ଜଣ ଜଣକା ୩ ଲେଖାଏ ୯ ଜଣକୁ କହିଲେ । (ପୁରୁଣା ଲୋକ ଯେ ଆଉ କେତେ ନୂଆ ଲୋକଙ୍କୁ କହିଥିବ ତାହା ଭୁଲି ଯାଅ, ସିଧା ହିସାବ କର ।) ମୋଟ ଶୁଣିଲେ ୯+୪ ବା ୧୩ ଜଣ । ୮ଟା ୩୦ରେ ୯ ଜଣ ୨୭ ଜଣକୁ କହିଲେ, ଆଗରୁ (ପୁରୁଣା) ୧୩ ଜଣ ଶୁଣିଥିଲେ । ମୋଟରେ ୪୦ ଜଣ । ୮ଟା ୪୦ରେ ୨୭ ଜଣ ୮୧କୁ କହିଲେ, ମୋଟ ୮୧+୪୦ ବା ୧୨୧ ଶୁଣିଲେ । ୮ଟା ୫୦ରେ ୮୧ କହିଲେ ୨୪୩କୁ, ମୋଟ ଜାଣିଲେ ୧୨୧+୨୪୩=୩୬୪ ଜଣ । ୯ଟା ବେଳକୁ ନୂଆ ଶୁଣିଲେ ୨୪୩x୩, ୭୨୯ । ପୁରୁଣା ସହ ମିଶି ଶୁଣିବା ସଂଖ୍ୟା ହେବ ୩୬୪+୭୨୯=୧୦୯୩ । ୯ଟା ୧୦ ବେଳକୁ ନୂଆ ଶୁଣିବେ ୭୨୯x୩=୨୧୮୭, ପୁରୁଣା ମିଶିଲେ ସଂଖ୍ୟା ହେବ ୧୦୯୩+୨୧୮୭=୩୨୮୦ । ମାତ୍ର ୭ ଥର ଗୁଜବ ବ୍ୟାପିଛି । ୯ଟା ୨୦ରେ ନୂଆ ଶୁଣିବା ଲୋକ ସଂଖ୍ୟା ହେବ ୨୧୮୭x୩ ବା ୬୫୬୧, ମୋଟ ୩୨୮୦+୬୫୬୧=୯୮୪୧ । ୯ଟା ୩୦ରେ ପୁରୁଣା ୯୮୪୧ ନୂଆ ୬୫୬୧x୩ ମୋଟ ୧୯,୬୮୩, ମୋଟ ୨୯,୫୨୪ । ୯ଟା ୪୦ରେ ପୁରୁଣା ୨୯,୫୨୪ ଯୁକ୍ତ ନୂଆ ୧୯,୬୮୩ର ୩ଗୁଣ ବା ୫୯,୦୪୯, ମୋଟ ସଂଖ୍ୟା ହେବ ୮୮,୫୭୩ । ୯ଟା ୫୦ରେ ନୂଆ ୫୯୦୪୯ର ୩ ଗୁଣ, ୧,୭୭,୧୪୭; ପୁରୁଣା ୮୮୫୭୩;। ମୋଟ ସଂଖ୍ୟା ୨,୬୫,୭୨୦ । ୧୦ଟାରେ ୧,୭୭,୧୪୭ର ୩ ଗୁଣ ବା ୫,୩୧,୪୪୧ ସହ ପୁରୁଣା ୨,୫୬,୭୨୦, ମୋଟ ୭,୮୮,୧୬୧ । କଟକର ଲୋକସଂଖ୍ୟା ଠାରୁ ବେଶି ।

ମାତ୍ର ଦୁଇଘଣ୍ଟାରେ । ୮ଟାରେ ଜଣେ ମାତ୍ର ଖବର ଶୁଣିଥିଲା । ୧୦ଟାରେ

୭,୮୮,୧୬୧ । ୧୦ଟା ପରେ ସଂଖ୍ୟା କିପରି ବଢିଥିବ ଜାଣିବା ଲାଗି ସୂତ୍ର ବା ଫର୍ମୁଲାଟା ମନେ ରଖିବା କଥା ।

ଏ ସବୁଥିରେ ଗୋଟିଏ କ୍ରମ ଅଛି । କ୍ରମ ହେଲା:

୮ଟା ବେଳେ । ୧ମୂଳ ।

୮ଟା ୧୦ରେ । ପୁରୁଣା ୧ + ନୂଆ ୩ = ୪ ।

୨ୟ ରାଉଣ୍ଡରେ, ୮ଟା ୨୦ ବେଳକୁ ପୁରୁଣା ୪+ନୂଆ ୯ (୩x୩, ୩$^{୨}$), ମୋଟ ୧୩ ।

୩ ଥର । ୮ଟା ୩୦ରେ । ପୁରୁଣା ୧୩ + ନୂଆ ୨୭ (୩x୩x୩, ୩$^{୩}$) = ୪୦

୪ଥର ।୮ଟା ୪୦ରେ । ପୁରୁଣା ୪୦ +ନୂଆ ୮୧ (୩x୩x୩x୩, ୩$^{୪}$)=୧୨୧

୫ ଥର, ୮ଟା ୫୦ରେ, ପୁରୁଣା୧୨୧ + ନୂଆ ୨୪୩ (୩x୩x୩x୩x୩, ୩$^{୫}$) = ୩୬୪

୬ଥର ।୯ଟା ରେ । ପୁରୁଣା୩୬୪ + ନୂଆ ୭୨୯ (୩x୩x୩x୩x୩x୩, ୩$^{୬}$) = ୧୦୯୩ ।

୭ଥର । ୯ଟା ୧୦ ରେ । ପୁରୁଣା୧୦୯୩ + ନୂଆ ୨୧୮୭

(୩x୩x୩x୩x୩x୩x୩, ୩$^{୭}$) = ୩୨୮୦ ।

ଉପର କାହାଣୀରେ ଆମେ ଧରିନେଇଛୁ ଯେ ଜଣେ ଲୋକ ଥରକେ ମାତ୍ର ୩ ଜଣଙ୍କୁ କହୁଛି । ଯଦି ୫ ଜଣଙ୍କୁ କହି ପାରୁଛି ବୋଲି ଆମେ ଧରିବା ତେବେ କଥାଟା ନିମ୍ନ ପ୍ରକାରେ ବ୍ୟାପିବ । ୩ ଜାଗାରେ ୫ ରହିବ । ଏଥିରେ ଦୁଇଟି ସଂଖ୍ୟା ଜଣା ଅଛି କେତେ ଥର, ଆଉ କେତେ ଜଣଙ୍କ କାନକୁ କଥା ଯାଉଛି, ଅର୍ଥାତ୍ ୨ ଥର ହେଲେ ୨, ଯେତେ ଜଣକ କାନକୁ କଥା ଯାଉଛି ତାହା ୫ । ଆଉ ସବୁ ଅଜଣା । ତା ଉପରେ ହିଁ ଫର୍ମୁଲା କରିବାକୁ ପଡିବ । ୭ ଜଣକ କାନକୁ ଗଲେ ୭ ଲାଗିବ, ୮ ଜଣକ କାନକୁ ଗଲେ ୮ ଲାଗିବ । ଏବେ ଆମେ ୫ କାନକୁ ଯିବା କଥା ହିସାବ କରୁଛେ ।

୮ଟା ବେଳେ । ୧, ୧ମ ଥର ୧ ସୂଚାଉଛି । ସେ ୧୦ ମିନିଟ ଭିତରେ ୫ ଜଣକୁ କହିବ । ପୁରୁଣା ୧ + ନୂଆ ୫ = ୬ । ୫ ହେଉଛି ୧ର ୪ ଗୁଣରୁ ଗୋଟିଏ ବେଶି, ଅର୍ଥାତ୍ ୧ ହେଉଛି ୫$^{୧}$ ରୁ ୧ ଫେଡି ଫଳକୁ (୫-୧) ଭାଗ କଲେ ମିଳିବା ଫଳ ।

୨ ଥର, ଘେର ବା ରାଉଣ୍ଡରେ - ୮ଟା ୨୦ରେ ହେବ- ପୁରୁଣା ୬ +ନୂଆ ୨୫ (୫X୫, $୫^{୨}$) = ୩୧ । ୨୫ ହେଉଛି ୬ର ୪ ଗୁଣରୁ ଗୋଟିଏ ବେଶି, ଅର୍ଥାତ୍ ୬ ହେଉଛି ୨୫ରୁ ୧ ଫେଡି ଫଳକୁ ୪ ଭାଗ କଲେ ମିଳିବା ଫଳ । ପୁରୁଣା ୬=[$୫^{୨}$-୧]/[୫-୧], ନୂଆ $୫^{୨}$ ।

୩ ଥର, ୮ଟା ୩୦ରେ । ନୂଆ ୧୨୫ (୫x୫x୫, $୫^{୩}$)+ ପୁରୁଣା ୩୧= ୧୫୬ । ୩୧= [$୫^{୩}$-୧]/[୫-୧]

୪ ଥର, ୮ଟା ୪୦ରେ । ନୂଆ ୬୨୫ (୫x୫x୫x୫, $୫^{୪}$)+ ପୁରୁଣା ୧୫୬ [$୫^{୪}$-୧]/[୫-୧] =୭୮୧

୫ ଥର, ୮ଟା ୫୦ରେ । ପୁରୁଣା ୭୮୧ [$୫^{୫}$-୧]/[୫-୧]+ ନୂଆ ୩୧୨୫ (୫x୫x୫x୫x୫, $୫^{୫}$) = ୩,୯୦୬ ।

୬ ଥର । ୯ଟାରେ । ପୁରୁଣା ୩୯୦୬[$୫^{୬}$-୧]/[୫-୧]+ ନୂଆ ୧୫୬୨୫ (୫x୫x୫x୫x୫x୫, $୫^{୬}$) = ୧୯,୫୩୧ ।

୭ଥର । ୯ଟା ୧୦ରେ । ପୁରୁଣା ୧୯,୫୩୧ [$୫^{୭}$-୧]/[୫-୧]+ ନୂଆ ୭୮୧୨୫ (୫x୫x୫x୫x୫x୫x୫, $୫^{୭}$) = ୯୭,୬୫୬ ।

୮ଥର । ୯ଟା ୨୦ ରେ । [$୫^{୮}$-୧]/[୫-୧]+ $୫^{୮}$= ୯୭,୬୫୬ + ୩୯୦୬୨୫ = ୪,୮୮,୨୮୧

ଜଣେ ଲୋକ କେତେ ଲୋକଙ୍କୁ କହିପାରିବ ତାକୁ 'କ' (କହିବ ଅର୍ଥରେ)ଦ୍ୱାରା ଚିହ୍ନାଅ । କେତେ ଥର ବା ରାଉଣ୍ଡ ଏମିତି କାରବାର ଚାଲିବ ତାକୁ 'ଥ' (ଥର ଅର୍ଥରେ) ଦ୍ୱାରା ସୂଚାଅ । ତେବେ କାରବାରରେ ସମ୍ପୃକ୍ତ ହେଉଥିବା ଲୋକଙ୍କ ସଂଖ୍ୟା ହେବ; ନୂଆ କରି ଜାଣୁଥିବା ଲୋକସଂଖ୍ୟା + ଆଗରୁ ଜାଣିଥିବା ଲୋକସଂଖ୍ୟା: $କ^{ଥ}$ +[($କ^{ଥ}$-୧)/(କ-୧)]

କେତେ ଶୀଘ୍ର ଆଉ କେତେ ବଡ ଏ ସଂଖ୍ୟା । ଜଳ ଜଳ ଦିଶୁଛି ।


୩ ଜଣ ଲେଖାଏଁ ବ୍ୟାପିଲେ ୧୦ ଥରରେ ୯ଟା ୪୦ ବେଳକୁ ନୂଆ ଲୋକ ସଂଖ୍ୟା $୩^{୧୦}$ ବା ୮୮,୫୭୩, ପୁରୁଣା ଲୋକ ସଂଖ୍ୟା ($୩^{୧୦}$-୧)/(୩-୧) ବା ୪୪,୨୮୬, ମୋଟରେ ୧,୩୨,୮୫୯ । କଟକ ସହର ଲୋକସଂଖ୍ୟାର ସପ୍ତମାଂଶ, କିନ୍ତୁ ଆଉ ଥରକରେ, ଅର୍ଥାତ୍ ୧୧ ଥରରେ, ୯ ଟା ୫୦ ବେଳକୁ ନୂଆ ଓ ପୁରୁଣା ମୋଟରେ ୩ ଲକ୍ଷ ୯୮ ହଜାର ୫ ଶହ ୭୮ ଜାଣିଥିବେ । କଟକ ଲୋକସଂଖ୍ୟାର ୩ ଭାଗରୁ ଭାଗେ । ୧୨ ଥର ବା ଦୁଇଘଣ୍ଟାରେ, ୧୦ଟା ବେଳକୁ, $୩^{୧୨}$ ବା ୭,୯୭,୧୨୧ ନୂଆ ଲୋକ ଏବଂ ଆଗରୁ ଶୁଣିଥିବା ପୁରୁଣା ଲୋକଙ୍କ ସଂଖ୍ୟା ଥିବ ($୩^{୧୨}$-୧)/(୩-୧) ବା ୩,୯୮,୫୬୦, ମୋଟ ୧୧,୯୫,୬୮୧। କଟକ ଭୁବନେଶ୍ୱର ମିଶିଗଲେ ବି ଏତେ ଶୁଣିବା ଲୋକ ମିଳିବେ ନାହିଁ । ତେଣୁ କଟକ ଭୁବନେଶ୍ୱରର ବାହାରକୁ କଥା ବ୍ୟାପିବାକୁ ବାଧ୍ୟ ।

ଯଦି ୫ ଜଣ ଲେଖାଏଁ ବ୍ୟାପେ ୧୦ଟା ବାଜିବା ତ ଦୂର କଥା, ଅଧ ଘଣ୍ଟାଏ ଆଗରୁ, ୯ଟା ୩୦ ବେଳକୁ, ମାତ୍ର ୯ ରାଉଣ୍ଡରେ ହେବ ($୫^{୯}$-୧)/(୫-୧) ପୁରୁଣା + ନୂଆ $୫^{୯}$ ମୋଟ ୨୪,୪୧,୪୦୬ । ସାରା କଟକ ଜିଲ୍ଲାର ୨୦୦୧ ଜନଗଣନା ଅନୁଯାୟୀ ଲୋକସଂଖ୍ୟା ମାତ୍ର ୧୯ ଲକ୍ଷ ୭୦ ହଜାର । ଦେଢ ଘଣ୍ଟାରେ ତା'ଠାରୁ ବଳି ଯିବ । ୧୦ ଥରରେ ୧,୨୨,୦୭,୦୩୧, କୋଟିଏ ୨୨ ଲକ୍ଷରୁ ବେଶି । ୧୧ଥରରେ ୬,୧୦,୩୫,୧୫୬, ସାରା ଓଡିଶା ଲୋକସଂଖ୍ୟାର ଦେଢଗୁଣ । ଏଥିରୁ ଜାଣି ପାରୁଥିବ ୧୩ ଥରରେ ୧୨୮ କୋଟିରୁ ବେଶି ହୋଇଥିବ । ଅର୍ଥାତ୍ ୨ ଘଣ୍ଟା ୧୦ ମିନିଟ ଭିତରେ ଗୁଜବ ଶୁଣିଥିବା ଲୋକ ସଂଖ୍ୟା ଆମ ଭାରତର ବର୍ତ୍ତମାନ ଲୋକସଂଖ୍ୟା ୧୦୮ କୋଟିରୁ ବେଶି ହୋଇଯିବ: $୫^{୧୩}$+($୫^{୧୩}$-୧)/(୫-୧) ।

ପିରାମିଡ୍‌ର ମୂଳଦୁଆ ଓସାରିଆ, ଉପରକୁ କମି କମି ଶୀର୍ଷଟା ଗୋଟିଏ ମୁନ ବା ବିନ୍ଦୁ । କିନ୍ତୁ ଏ ଅଙ୍କ ମୁନରୁ ଆରମ୍ଭ, ଉପରରୁ ଉପରକୁ ଏତେ ବେଶି ଓସାରିଆ ହେଉଛି ଯେ ପିରାମଡ୍ ଭୁଶୁଡିବ ହିଁ ଭୁଶୁଡିବ । ଓଲଟା ପିରାମିଡ୍ ଅଙ୍କ ଉପରେ ଆଧାରିତ ବ୍ୟବସାୟ୍‌· ଅଳ୍ପ ଦିନରେ ଅଚଳ ହୋଇଯିବ ।

ଗୁଜବ କେତେ ଶୀଘ୍ର ଶୀଘ୍ର ରାଷ୍ଟ୍ର ହୁଏ ଦେଖିଲ ତ! ବାସ୍ତବରେ ସେମିତି ଘଟେନାହିଁ । କାରଣ ସବୁ ଥର ନୂଆ ନୂଆ ଲୋକ ଶୁଣନ୍ତି ବୋଲି ଭାବିବା ଠିକ୍ ନୁହେଁ । ଆଗରୁ ଶୁଣିଥିବା କେତେକ ଲୋକ ପୁଣି ଥରେ ଶୁଣନ୍ତି । ଏ ଶୁଣିଛି ସେ ଶୁଣିଛି, – ଏପରି ତ କେହି ମାର୍କା ମାରି ନାହିଁ । ତେଣୁ ଅଙ୍କ ଅନୁଯାୟୀ ଯେତେ ଲୋକ ଶୁଣିବା କଥା ତା'ଠାରୁ କମ ଲୋକ ଶୁଣିଥାନ୍ତି । କିନ୍ତୁ ଗୁଜବ ଯେ କେତେ ଶୀଘ୍ର ବ୍ୟାପେ, ସେଥିରେ ଆଉ ସନ୍ଦେହ ନାହିଁ ।

ଗୁଜବ ବ୍ୟାପିବାରେ କାହା ହାତରୁ କିଛି ପଡେ ନାହିଁ, କେବଳ ଆତଙ୍କ ବଢେ । କିନ୍ତୁ ପଇସା ଜମା ରଖୁଥିବା ଲୋକେ ଏମିତିକା ପିରାମିଡ୍ କାରବାରରେ ପଶିଲେ ମୂଳ ହରାଇବା ହିଁ ସାର ହେବ । ନିଜର ଦାଦାଗିରି ନଥିଲେ ବା ଧମକ ଚମକ କରିବାର ଶକ୍ତି ନ ଥିଲେ ମୂଳ ଫେରି ପାଇବା ଅସମ୍ଭବ । ଆଉ ଦାଦାଗିରି ଯାହାର ଅଛି ସେ କାହିଁକି ଟଙ୍କା ଖଟାଇବ? ସେ ତ ବିନା ଲଗାଣରେ ଶହ ଶହ ଟଙ୍କା ଆଦାୟ କରିପାରିବ । ପିରାମିଡ୍ ଅଙ୍କରେ ନିରୀହ ଲୋକମାନଙ୍କୁ ହିଁ ହଇରାଣ କରାଯାଇଥାଏ ।



# ଖଳ ଦୋକାନୀ କିପରି ଫାଇଦା ମାରେ

ବଡ ଜାକଜମକିଆ ଦୋକାନ ନ କରି, ବେଶି ଲୋକ ନ ଖଟାଇ କୋଟିପତି ହେବାର କୌଶଳ ଏହି ଓଲଟା ପିରାମିଡ ଅଙ୍କ ଯୋଗାଏ ଏବଂ ବହୁତ ଗରାଖ ଏ ବ୍ୟବସାୟର ଶିକାର ହୋଇ କିପରି କ୍ଷତି ସହନ୍ତି ଦେଖିବା ଆସ । ଖଳ ଦୋକାନୀମାନେ ଏହି ପିରାମିଡ ଅଙ୍କର ଫାଇଦା ନିଅନ୍ତି । ସେମାନଙ୍କ ଜିନିଷକୁ ଶସ୍ତାରେ ବିକୁଛନ୍ତି ବୋଲି ଘୋଷଣା କରି ବା ତା ସହିତ ଲୋଭନୀୟ ପୁରସ୍କାର ଦେବେ କହି ସହଜରେ ବିକନ୍ତି । ଏ ଏକ ପ୍ରକାରର ଠକାମି । କିପରି ଠକନ୍ତି ଏବଂ ତୁମେ କିପରି ସେ ଠକାମିରେ ଭାଗ ନିଅ, ବୁଝିବା ଆସ ।

ବଜାରରେ ସାଧାରଣ ସାଇକେଲଟିଏ ୧୦୦୦ ଟଙ୍କାରୁ କମ୍‌ରେ ମିଳୁନାହିଁ । ମନେ କର ଜଣେ ଦୋକାନୀ ୨୦୦ ଟଙ୍କାରେ ସାଇକେଲ ବିକିବ । ତୁମେ ଖୁସିରେ କିଣି ନେବ । ଏତେ ଶସ୍ତାରେ ଦେବା ଲାଗି ସେ କହିବ ଯେ ତୁମେ ୨୦୦ ଟଙ୍କାର ଗୋଟିଏ ଟିକଟ କିଣ ଏବଂ ୫ ଜଣକୁ ଗୋଟିଏ କରି ଟିକଟ ଦିଅ । ସେମାନେ ସେ ୫ଟିର ଦାମ ୧୦୦ ଲେଖାଏଁ ଦୋକାନୀ ପାଖରେ ଦାଖଲ କଲା ପରେ ସେ ତୁମକୁ ସାଇକେଲଟିଏ ଦେବ । ତୁମେ ଚାରିଆଡେ ଦେଖାଇ ହେଲ ଯେ ତୁମେ ୨୦୦ ଟଙ୍କାରେ ସାଇକେଲ ପାଇଲ । କେତେ ଶସ୍ତାରେ ! ମାତ୍ର ଦୋକାନୀ ଶସ୍ତାରେ ଦେଇନାହିଁ, ବରଂ ବେଶି ପାଇଛି । ଦୋକାନୀ ୧୨୦୦ ପାଇଗଲା, କିନ୍ତୁ ତୁମେ ମାତ୍ର ୨୦୦ ଦେଇଛ ବୋଲି ଜାଣିଲ । ଦୋକାନୀ ତୁମଠାରୁ ୨୦୦ ଓ ଆଉ ୫ ଜଣଠାରୁ ୨୦୦ ଲେଖାଏଁ ୧୦୦୦, ମୋଟ ୧୨୦୦ ପାଇଲା ପରେ ତୁମକୁ ସାଇକେଲଟିଏ ଦେଲା । ଯେଉଁ ୫ ଜଣକୁ ଟିକଟ ବା କୁପନ ଦେଲ, ସେମାନେ ପ୍ରତ୍ୟେକେ ଆଉ ୫ ଜଣକୁ ଗରାଖ ନ କଲେ ସେମାନେ ସାଇକେଲ ପାଇବେ ନାହିଁ । ତେଣୁ ପ୍ରତ୍ୟେକ ୨୦୦ ଟଙ୍କିଆ ଟିକଟଧାରୀ ଇଚ୍ଛା ଥାଉ ନ ଥାଉ ଦୋକାନୀର ସେଲ୍‌ସମାନ୍ (ବିକ୍ରେତା) ହୋଇ ପଡିବ । ବାଧ୍ୟ ହୋଇ ଚିହ୍ନାପରଚ ଲୋକଙ୍କୁ ବିକିବ, ଫୁସୁଲେଇ ଆଉ କେତେକଙ୍କୁ କୁପନ ବିକିବ । ଏମିତି କେତେ ବାର ବା ରାଉଣ୍ଡ ଚାଲିବ ? ତୁମେ ତ ଦେଖିଲ ୧୦ ରାଉଣ୍ଡରେ ($୫^{୧୦}$ – ୧)/

(୫-୧) ନୂଆ ଲୋକ ଦରକାର - ୯୭ଲକ୍ଷ ୬୫ ହଜାର ୬ ଶହ ୨୫ । ଆମ ରାଜ୍ୟ ଓଡିଶାରେ ପରିବାର ସଂଖ୍ୟା ବି ଏତେ ନୁହେଁ । ଗୋଟିଏ ଗୋଟିଏ ପରିବାର କଣ ଦୁଇ ତିନିଟା ଲେଖାଏଁ ସାଇକେଲ କିଣିବ ନା ତୁମେ ଓଡିଶା ବାହାରେ ଟିକଟ ବିକିବାକୁ ଦୂର ଦୂରାନ୍ତକୁ ଯିବ ? ତେଣୁ ଅଳ୍ପ ଦିନ ଭିତରେ ଏ ଧନ୍ଦା ବନ୍ଦ ହୋଇଯିବ, ଯେଉଁମାନେ ଶେଷରେ ୨୦୦ ଟଙ୍କା ଦେଇ ୫ ଲେଖାଏଁ କୁପନ ନେଇଥିବେ ସେମାନେ ନୂଆ ଗରାଖ ଯୋଗାଡ କରି ନ ପାରି ନିଜର ୨୦୦ ଟଙ୍କା ବଦଳରେ ସାଇକେଲ ପାଇବେ ନାହିଁ କି ଟଙ୍କା ଫେରସ୍ତ ପାଇବେ ନାହିଁ, କାରଣ ନିଜ ଇଚ୍ଛାରେ କୁପନ କିଣିଛ ଏବଂ ସର୍ତ୍ତ ମାନିଛ ଯେ ୫ ଦଣଙ୍କୁ ଗରାଖ କଲେ ହିଁ ସାଇକେଲ ପାଇବ । ତେଣୁ ପ୍ରତ୍ୟେକଙ୍କ ୨୦୦ ଟଙ୍କା ପାଣିରେ ପଡିଲା । ୧୦ ରାଉଣ୍ଡରେ ଦୋକାନୀ ୨୪୪ କୋଟି ଟଙ୍କା ପାଇବା କଥା, କୋଟିଏ ୨୨ ଲକ୍ଷ ଲୋକଙ୍କ ଠାରୁ ୨୦୦ ଟଙ୍କା ଲେଖାଏ । ତହିଁରୁ ନୂଆ ଟିକଟ କିଣିଥିବା ଲୋକଙ୍କ ସଂଖ୍ୟା ୯୫,୬୫,୬୨୫, ଯଦି ସେମାନେ ପ୍ରତ୍ୟେକ ଆଉ ୫ ଜଣକୁ ବିକି ନପାରିଲେ, ସେମାନେ ଦେଇଥିବା ୧୯୧ କୋଟି ୩୧ ଲକ୍ଷ ୨୫ ହଜାର ଟଙ୍କା ଦୋକାନୀ ମାରିନେଲା ।

ତୁମେ ଯେତେବେଳେ ପ୍ରଥମେ ପ୍ରଥମେ ୨୦୦ ଟଙ୍କା ଦେଇ ସଭ୍ୟ ହେଲ, ଏ ଅନୈତିକ କାମରେ ଭାଗୀ ହୋଇଗଲ । ପ୍ରଥମେ ପ୍ରଥମେ ଲାଭ କରି ଭାବିଲ ନାହିଁ ଯେ ପରିଶେଷରେ ହଜାର ହଜାର ଲୋକ ଠକାମିରେ ପଡିବେ । ଶେଷରେ ଏତେ ଲୋକ ମିଳିବେ ନାହିଁ, ପୁଣି ଅଧିକାଂଶ ସାଇକେଲ କିଣି ସାରିଥିବେ ।

୨୦୦ ଟଙ୍କିଆ ଟିକଟ ତୁମକୁ ବେଶି ଲାଗୁଛି । ଟଙ୍କାଟିଏ ଦେଇ ପେନ୍‌ସିଲ ବା ଜ୍ୟାମିତି ବାକ୍ସ ଶସ୍ତାରେ ପାଇବା ଲାଗି ଏମିତି ୫ ଜଣକୁ ଟିକଟ ଦିଅ ବୋଲି ଦୋକାନୀ କହିପାରେ । ତୁମକୁ ଶସ୍ତା ଲାଗିବ, ବେଶି ଲୋକ ଟିକଟ ନେଇ ଜ୍ୟାମିତି ବାକ୍ସ ପାଇବେ । ୧୦ ରାଉଣ୍ଡରେ ଦୋକାନୀ ୧ କୋଟି ୨୨ ଲକ୍ଷ ଜ୍ୟାମିତି ବାକ୍ସ ବିକିବା କଥା, କିନ୍ତୁ ୯୫ ଲକ୍ଷ ୬୫ ହଜାର ୬ ଶହ ୨୫ ନୂଆ ଲୋକ ବାକ୍ସ ପାଇ ନଥିବେ, ସେତିକି ଟଙ୍କା ଦୋକାନୀର ଲାଭ ।

ଏତେ ଲାଭ କରୁଥିବା ଦୋକାନୀମାନେ ବେଳେ ବେଳେ ଆହୁରି ଲୋଭ ଦେଖାନ୍ତି । ତୁମ ଟିକଟରୁ ଶାଖା ପ୍ରଶାଖା ମେଲି ଯେତେବେଳେ ପାଞ୍ଚ ଥାକ ହୋଇଯିବ (ଅର୍ଥାତ୍ ତୁମ

ଜରିଆରେ ଦୋକାନୀ ୩୧୨୫ ଜଣ ନୂଆ ଗ୍ରାହକ/ସଭ୍ୟ ପାଇବ ସେ ତୁମକୁ ଗୋଟିଏ ସ୍କୁଟର ଦେବ । ଜ୍ୟାମିତି ବା ପେନ୍‌ସିଲ୍ ବାକ୍ସ ତ ପାଇଛ । ମାଗଣାରେ ସ୍କୁଟରଟିଏ ପାଇ ତୁମେ ଦୁଇଗୁଣ ଉତ୍ସାହରେ ଟିକଟ ବିକିବାରେ ଲାଗିବ, ତୁମ ଚେନ୍ ଯେପରି ନ ଭାଙ୍ଗେ । ପରେ ଯେ ବହୁତ ପିଲା ସେମାନଙ୍କ ଟଙ୍କାଟିଏ ବଦଳରେ ପେନ୍‌ସିଲ୍ ବାକ୍ସ ବା ଜ୍ୟାମିତି ବାକ୍ସ - କିଛି ପାଇବେ ନାହିଁ (କାରଣ ଲୋକ ମିଳିବେ ନାହିଁ) ସେ କଥା ତୁମେ ଭୁଲିଯାଉଛ । ତେଣୁ ବେଳ ହୁଁ ସାବଧାନ ହୋଇ ଏ ଓଲଟା ପିରାମିଡ୍‌ରେ ପଶ ନାହିଁ ।

ନିରିଖେଇ ଦେଖିଲେ ଜାଣିବ ଆମ୍‌ୱେ ଭଳି ଆମେରିକୀୟ ଔଷଧ ଦୋକାନୀ ବା ହିନ୍ଦୁସ୍ଥାନ ଲିଭର ବା ଗଡ୍‌ରେଜ୍ ଭଳି କମ୍ପାନୀ ଏମିତି ଓଲଟା ପିରାମିଡ୍‌ରେ ବେକାର ଯୁବକ ଯୁବତୀମାନଙ୍କୁ ଲଗାଇ ସେମାନଙ୍କ ଜିନିଷ ଘରେ ଘରେ ବିକନ୍ତି, ଗୋଦାମ ଘର ଭଡା ନେବା ବା ଭଡାଘରେ ଦୋକାନ କରିବା ଦରକାର ପଡେ ନାହିଁ କି ବିକିଲାବାଲାଙ୍କୁ ଚାକିରି ଓ ଦରମା ଦେବାକୁ ପଡେ ନାହିଁ ।

ସେ ଜିନିଷ କେବଳ ତାଙ୍କ କମ୍ପାନୀରେ ମିଳେ, ବାହାରେ ମିଳେ ନାହିଁ, ଏବଂ ତାହାର ଗୁଣ ଏତେ ବଢିଆ ଯେ ତାହାର ତୁଳନା ନାହିଁ - କହି ଗ୍ରାହକ କରିନିଅନ୍ତି । ତୁମେ ଲାଗି ପଡ ଆହୁରି ଗ୍ରାହକ କରିବା ପାଇଁ, କାରଣ ଲାଭ ଉପରେ ଲୋଭ । କିନ୍ତୁ ତୁମେ କେବେ ଭାବ ନାହିଁ କମ୍ପାନୀ ତାଙ୍କ ସାମଗ୍ରୀ ଗୁଡିକର ଦାମ ଏତେ ବେଶି କରିଥାନ୍ତି ଯେ ତାହା ଏକା ପ୍ରକାରର ଉପାଦାନ ଥିବା ବଜାରରେ ମିଳୁଥିବା ସାମଗ୍ରୀର ଦାମ ତୁଳନାରେ ୪ କି ୫ ଗୁଣ । ଯଥା ଆମ୍‌ୱେର ପ୍ରୋଟିନ୍ ପାଉଡର- ସେହି ପ୍ରକାରର ଉପାଦାନ ଥିବା ପ୍ରୋଟିନ୍ ସମାନ ଓଜନର ପାକେଟରେ ଏକ ପଞ୍ଚମାଂଶ ଦାମରେ ମିଳେ । ୪ ଗୁଣ ପାଖାପାଖି ଅଧିକା ଦାମ୍‌ରୁ କିଛି ପରିମାଣର ଚେକ୍ କମ୍ପାନୀ ତୁମକୁ ଲାଭାଂଶ ହିସାବରେ ପଠାଏ । ସେତିକିରେ କମ୍ପାନୀର ଲାଭ ଲୋଭ ସରେ ନାହିଁ, ସେ ପଠାଇଥିବା ଚେକ୍ ତୁମେ ଭଙ୍ଗାଇ ଟଙ୍କା ନେଇ ପାରିବ ନାହିଁ, ତୁମେ କେବଳ ଆମ୍‌ୱେ ସାମଗ୍ରୀ କିଣିବ, ଆଉ କାହାକୁ ସଭ୍ୟ ବା ଗ୍ରାହକ କରି ତାହାଠାରୁ ମିଳୁଥିବା ଟଙ୍କାରୁ ତୁମର ଲାଭାଂଶ ନେବ । ଅର୍ଥାତ୍ କମ୍ପାନୀର ବିକ୍ରି ହିଁ ଅଧିକ ବିକ୍ରିର କାରଣ ହେବ ।


ଅଧିକନ୍ତୁ ଅପ୍ରମାଣିତ କାର୍ଯ୍ୟକାରିତା ପ୍ରଚାର କରି କମ୍ପାନୀମାନେ ଜିନିଷ ବିକନ୍ତି । ଯଥା ଘିକୁଆଁରୀ ବା ଆଲୋଏ ଭେରା ରସ ବୋତଲରେ ସାଇତି ତା ଉପରେ ଲେଖନ୍ତି ତାକୁ ରୀତିମତ ସେବନ କଲେ ଯୁବା ଅବସ୍ଥା ଫେରି ଆସିବ । ସେ ଜିନିଷ ବଜାରରେ ମିଳେ ନାହିଁ ପ୍ରଚାର କରନ୍ତି । ଦାମ କରିଥିବ ଅମୂଲମୂଲ, ବଜାରରେ ଯେଉଁ ପ୍ରକାରର ବୋତଲ ୬୦ କି ୭୦ ଟଙ୍କାରେ ମିଳୁଥିବ ସେହି ପ୍ରକାରର ଘିକୁଆଁରୀ ରସର ବୋତଲ ଉପରେ କମ୍ପାନୀର ଛାପ ଥାଇ ଲେଖା ହୋଇଥିବ ୫୦୦ ଟଙ୍କା । କେତେକ ସ୍ତ୍ରୀଲୋକ ଯେପରି ଦାମିକା ଶାଢୀ ନିଶ୍ଚୟ ଭଲ ହୋଇଥିବ ବୋଲି ଭାବନ୍ତି କେତେକ ଲୋକ ବଜାରରେ ନ ମିଳୁଥିବା ଦାମିକା ଜିନିଷ ନିଶ୍ଚୟ କାମ କରୁଥିବ ବୋଲି ଭାବନ୍ତି । ଲୋକଙ୍କର ଏ ପ୍ରକାରର ମନୋଭାବ ଉପରେ କମ୍ପାନୀମାନେ ଚାଲ୍ ଖେଳନ୍ତି ।

କେତେକ ନାମୀ ସଂସ୍ଥା ବି ଏପରି ଠକାଇ କରନ୍ତି, ଠକାମୀ ଲବ୍ଧ ଧନ କେତେକ ଲୋଭୀ କର୍ମଚାରୀଙ୍କ ପକେଟକୁ ଯାଏ । ଯଥା ଭାରତ ସରକାରଙ୍କ ସମର୍ଥିତ ସଂସ୍ଥା ଜାତୀୟ ଅନ୍ଧ ସଂଘ (ନାସ୍‌ନାଲ୍ ଫେଡେରେସନ୍ ଅଫ୍ ଦି ବ୍ଲାଇଣ୍ଡ, ଏନ୍‌ଏଫ୍‌ବି) । ଦାନ ବା ଡୋନେସନ୍ ଆକାରରେ ଟଙ୍କା ନିଏ, ଆୟକର ଛାଡ ପାଇବାର ରସିଦ୍‌ଟିଏ ଦିଏ । ସେତକ ହେଲେ ଆପତ୍ତି ରହନ୍ତା ନାହିଁ । ସଂଘର ଏ ପ୍ରକାରର ଜାଲ ବିଛାଇଥିବା ଅଧିକାରୀମାନେ ଜାଣନ୍ତି ଯେ ଆୟକର ଦେଉଥିବା ଲୋକ ଏ କାମରେ ସମୟ ଦେବ ନାହିଁ । ଆୟକର ନ ଦେଉଥିବା, ସହଜରେ ଲାଭର ଲୋଭ ରଖୁଥିବା, ଲୋକଙ୍କୁ ଏ ଜାଲରେ ପୂରାଇବା ପାଇଁ ଅନ୍ଧ ସଂଘର କର୍ମକର୍ତ୍ତା ତୁମଠୁଁ ଦାନ ଟଙ୍କା ନେଇ ତୁମକୁ ସଂଘର ଉପକାରୀ ଲୋକ ତାଲିକାରେ ରଖନ୍ତି, ତୁମକୁ ସମାଜସେବୀ ବା ସୋସାଲ୍ ୱାର୍କର ପଦବୀ ଦିଆଯାଏ, ସାର୍ଟିଫିକେଟ୍ ମିଳେ । କିନ୍ତୁ ଗୋଟିଏ ସର୍ତ୍ତରେ – ଯେ ତୁମେ ଆଉ ପାଞ୍ଚ ଜଣ ଦାନୀ ଯୁଟାଇବ । ଆଉ ପାଞ୍ଚ ଜଣକୁ ଦାନ କରିବାକୁ ପ୍ରବର୍ତ୍ତାଇ ନ ପାରିଲେ ତୁମ ପଦବୀ ଉଚ୍ଚତର ହେବ ନାହିଁ କି ତୁମେ ଭାଗ ପାଇବ ନାହିଁ । ଅର୍ଥାତ୍ ତୁମେ ସ୍ୱଇଚ୍ଛାରେ ଅନ୍ଧ ସଂଘର 'ଅନ୍ଧ' ମେମ୍ବର ହୋଇଯାଅ ଓ ତୁମେ ଯେଉଁ ଆଉ ୫କୁ ମେମ୍ବର କଲ ସେମାନେ ବି ସେହିଭଳି କାମ ନ କଲେ ତୁମ ପଦବୀ ଉଚ୍ଚରୁ ଉଚ୍ଚତର ହୁଏ ନାହିଁ କି ସେମାନଙ୍କ ପଦବୀ ଉଚ୍ଚରୁ ଉଚ୍ଚତର ହୁଏ ନାହିଁ । ଏ ବି ଏକ

ପିରାମିଡ । କେତେ ଶସ୍ତାରେ ସଂଘଟି ତୁମକୁ ତାର କର୍ମଚାରୀ ବା ଚାକର କରିଦେଲା !

ଏହି ଓଲଟା ପିରାମିଡ୍ ଅଙ୍କକୁ ହାତ କରି ଖଳ ଲୋକଟିଏ ଲୋକଙ୍କ ଠାରୁ ଟଙ୍କା ନିଏ, ଦୁଇ ତିନି ଗୁଣ କରି ତିନି ମାସରେ କି ବର୍ଷକ ଭିତରେ ଫେରେଇବ ବୋଲି କହେ । କିଛି ଦିନ ଭିତରେ ଏତେ ଲୋକଙ୍କୁ ଯୋଗାଡ କରିବାକୁ ପଡିବ ଯେ ଲୋକ ମିଳିବେ ନାହିଁ, ଯେଉଁମାନେ ଶେଷ ଆଡକୁ ଯୋଗ ଦେଇଥିବେ ନିଜର ଟଙ୍କା ହରାଇବେ - ଏ କଥା କେହି ବୁଝନ୍ତି ନାହିଁ । ତତ୍କ୍ଷଣାତ୍ ଲାଭ ପାଇବା ଆଶାରେ, ବିନା ପରିଶ୍ରମରେ ଗୁଡାଏ ଟଙ୍କା ପାଇବା ଲୋଭରେ ଲୋକେ ଏ ଯୋଜନାରେ ଯୋଗ ଦିଅନ୍ତି ଏବଂ ଠକାମିର ଭାଗୀଦାର ହୁଅନ୍ତି ଏବଂ ଅନ୍ୟଙ୍କୁ ଠକିବାର ଜାଲରେ କଡି କରାନ୍ତି ।

ଟଙ୍କାଏ ଜମା ଦେଇ ଟଙ୍କାକରୁ ବେଶି ପାଇବା କାମକୁ ପୁଞ୍ଜିନିବେଶ କହନ୍ତି । ଅଧିକରୁ ଅଧିକ ଆୟ ଦେବି କହି ଖଳଲୋକେ ପୁଞ୍ଜିନିବେଶକାରୀଙ୍କୁ ପ୍ରଲୋଭିତ କରନ୍ତି । ଯିଏ ଏପରି ପିରାମିଡ୍ ଚାଲୁ କରେ ତାକୁ ପ୍ରାୟୋଜକ ବା ପ୍ରମୋଟର୍ କୁହାଯାଏ । ପ୍ରାୟୋଜକ ଯେତେ ଟଙ୍କା ନିଏ ତା ଲାଗି ଗୋଟିଏ ରସିଦ୍ ଦିଏ ଏବଂ କେତେ ଦିନ ପରେ କେତେ ଟଙ୍କା ଫେରାଇବ ତାହା ଲେଖିଦିଏ । ଏ ପ୍ରତିଶ୍ରୁତି ସେ ପାଳିବ ବୋଲି କହିଥାଏ । ସେ କିପରି ଏ ପ୍ରତିଶ୍ରୁତି ରକ୍ଷା କରିବ, ଏତେ ଟଙ୍କା କେଉଁଠୁ ବା କିପରି ପାଇବ ତାହା ନିବେଶକାରୀ ଭାବେ ନାହିଁ ।



# ଚିଟ୍ ଫଣ୍ଡରେ କୋଟି କୋଟି ଟଙ୍କା କିନ୍ତୁ ନିବେଶକର ଟଙ୍କା ପାଣିରେ ବୁଡେ

ତତ୍କ୍ଷଣାତ୍ ଲାଭ ପାଇବା ଆଶାରେ, ବିନା ପରିଶ୍ରମରେ ଗୁଡାଏ ଟଙ୍କା ପାଇବା ଲୋଭରେ ଲୋକେ ଏ ଯୋଜନାରେ ଯୋଗ ଦିଅନ୍ତି । କିନ୍ତୁ ଏତେ ଟଙ୍କା ପ୍ରାୟୋଜକ କେଉଁଠୁ ଆଣିବ କେହି ଭାବନ୍ତି ନାହିଁ । ପ୍ରାୟୋଜକ ନିଜର ଖର୍ଚ୍ଚ ତୁଲାଇ ସାରି ପ୍ରତି ପୁରୁଣା ନିବେଶକାରୀକୁ ତାର ଦୁଇ ଗୁଣ ଆୟ ଦେବାକୁ ହେଲେ ଅନ୍ତତଃ ତିନୋଟି ସମ ପରିମାଣର ନୂଆ ନିବେଶକାରୀକୁ ପୁରେଇବାକୁ ପଡିବ । ତେଣୁ ଟଙ୍କା ଦୁଇ ଗୁଣ କରିବ କହୁଥିବା ପ୍ରାୟୋଜକ ସର୍ତ୍ତ ରଖେ ଯେ ପ୍ରତି ନିବେଶକାରୀ ତିନି ନୂଆ ନିବେଶକାରୀ ଯୋଗାଡ କରିବ, ତା ନ କଲେ ଦୁଇଗୁଣ ପାଇବ ନାହିଁ । ୧ରୁ ୩, ୩ରୁ ୯, ୯ରୁ ୨୭ ଏଭଳି ହାରରେ ଲୋକେ ଜାଲରେ ଛନ୍ଦି ହେବା କଥା । ଅର୍ଥାତ୍ ପ୍ରଥମ ରାଉଣ୍ଡ ବା ଛେକରେ ୪ ଲୋକ, ୨ୟ ଛେକକୁ ୧୩ ଲୋକ, ୩ୟ ଛେକକୁ ୩୪ ଲୋକ ଜାଲରେ ପଶିବେ । ଏମିତି ଚାଲୁ ରହିଲେ ୧୦ ଛେକ ବେଳକୁ ୧୧,୯୫,୬୮୧, ଏଗାର ଲକ୍ଷ ପଞ୍ଚାନବେ ହଜାର ଛ ଶହ ଏକାଅଶି । ଭୁବନେଶ୍ୱର ଭଳି ସହରର ପରିବାର ସଂଖ୍ୟାଠାରୁ ବେଶି ।

ସେହିଭଳି ଟଙ୍କା ତିନି ଗୁଣ କରିବ କହୁଥିବା ପ୍ରାୟୋଜକ ସର୍ତ୍ତ ରଖେ ଯେ ପ୍ରତି ନିବେଶକାରୀ ପାଞ୍ଚ ନୂଆ ନିବେଶକାରୀ ଯୋଗାଡ କରିବ, ତା ନ କଲେ ତିନି ଗୁଣ ପାଇବ ନାହିଁ । ରାତାରାତି ଧନୀ ହେବାର ସ୍ୱପ୍ନ ଦେଖୁଥିବା ଲୋକେ ଅନ୍ଧ, ତେଣୁ ସହଜରେ ଏହାର ଶିକାର ହୁଅନ୍ତି । ପ୍ରାୟୋଜକ ମିଠାଳିଆ କଥା କହି ଫୁସୁଲେଇ ପଇସା ଆଣିଥାଏ, କିଛି ଦିନ ପାଇଁ କେତେକ ନିବେଶକାରୀଙ୍କୁ ଫେରସ୍ତ ଦେଇଥାଏ । ଏ ଫେରସ୍ତ ଚାଲିଥାଏ ଯେ ପର୍ଯ୍ୟନ୍ତ ନୂଆ ନିବେଶକାରୀମାନେ ପଇସା ଖଟାଉଥିବେ ଓ ପୁରୁଣା ନିବେଶକାରୀମାନେ ସେମାନଙ୍କ

ପୁଞ୍ଜି ଫେରାଇ ନେଉନଥିବେ । ମାଛ ତେଲରେ ମାଛ ଭାଜିବା ।

ପିରାମିଡ୍ ସ୍କିମ୍ କୁହାଯିବାର କାରଣ ବି ସେଇଆ । ଉପରର ସ୍ୱଳ୍ପ ନିବେଶକାରୀଙ୍କୁ ଲାଭ ଯୋଗାଇବା ଲାଗି ପ୍ରତି ସ୍ତରରେ ଅଧିକରୁ ଅଧିକ ନୂଆ ନିବେଶକାରୀ ଦରକାର । ପ୍ରତି ନୂଆ ସ୍ତର ନିବେଶକାରୀ ସଂଖ୍ୟା ପୂର୍ବ ସ୍ତରଠାରୁ କମ୍ ହେଲେ ପୁରୁଣାମାନଙ୍କୁ ପ୍ରାପ୍ୟ ଦେଇ ହେବ ନାହିଁ, ତେଣୁ ସ୍କିମର ପ୍ରାୟୋଜକ ଉଭାନ ହୋଇଯିବ । ବାହାସ୍ଫୋଟ ମାରି ଏତେ ଦେବି ସେତେ ଦେବି କହୁଥିବା ଲୋକ ବା ମୁହଁ ଦେଖାନ୍ତା କିପରି ? କମ୍ୟୁନିଜମ ପତନ ପରେ ଏକ ପ୍ରକାଣ୍ଡ ପିରାମିଡ୍ ସ୍କିମ୍ ଆଲ୍‌ବାନିଆକୁ ଦେବାଳିଆ କରିଦେଲା ।

ଆମେରିକାରେ ଏ ଓଲଟ ପିରାମିଡ୍ ବ୍ୟବସାୟକୁ ପଞ୍ଜି ସ୍କିମ୍ କହଯାଏ । ଜଣକର ନାଁରେ ଏହାର ନାଁ । ୧୯୧୯ ଡିସେମ୍ବରରେ ଚାର୍ଲସ୍ ପଞ୍ଜି ବୋଲି ଜଣେ ଲୋକ ନିୟୁୟର୍କରେ ଏ ବ୍ୟବସାୟ ଆରମ୍ଭ କଲା । ସେ ନିବେଶକାରୀମାନଙ୍କୁ କହିଲା ଯେ ତାହାର ବିଦେଶୀ ଡାକଟିକଟ ବ୍ୟବସାୟ ଅଛି, ତହିଁରେ ସେ ପୁଞ୍ଜି ଲଗାଉଛି । ଡାକଟିକଟ ବ୍ୟବସାୟରେ ବହୁତ ଲାଭ । ବ୍ୟବସାୟ ବଢାଇବା ଲାଗି ସେ ଲୋକଙ୍କଠାରୁ ପୁଞ୍ଜି ନେଉଛି, ୪୫ ଦିନରେ ୫୦% ସୁଧ ଦେବ, ଅର୍ଥାତ୍ ପୁଞ୍ଜିକୁ ଦେଢଗୁଣ କରିଦେବ । ବିଦେଶରୁ ଶସ୍ତାରେ କିଣି ଆମେରିକାରେ ଚଢା ଦରରେ ବିକି ସେ ୩ ମାସରେ ଦୁଇଗୁଣ କରିଦେବ । 'ପୁଞ୍ଜି ବା ପଇସା ନେଇଛି ଓ ପ୍ରତି ତୃତୀୟ ମାସରେ ଦୁଇଗୁଣ କରି ଫେରାଇବ' ବୋଲି ଗୋଟିଏ ଲିଖିତ ଚିରକୁଟ ବା କୁପନ୍ ଦେଉଥିଲା ।



ପ୍ରଥମ ବିଶ୍ୱ ଯୁଦ୍ଧ ପରେ ଆମେରିକାର ଅର୍ଥନୀତି ଦ୍ରୁତ ଉନ୍ନତି କରୁଥିଲା; ସେତେବେଳର ଶ୍ରମିକ ଶ୍ରେଣୀର ଲୋକେ ନିଜ ମଜୁରି ତୁଳନାରେ ଏତେ ଡଲାର ପାଇବାର ଲୋଭ ଛାଡନ୍ତେ କିପରି? ଅଳ୍ପ ଦିନରେ ଗୁଡାଏ ଧନ କରିନେବାର ସୁଯୋଗ କାହିଁକି ଆପଣାର ନ କରନ୍ତେ! ଚାର୍ଲସ୍ ପଞ୍ଜି ଥିଲା କଲେଜ ଛଡା

ଲଫଙ୍ଗା ଟୋକା, ଇଟାଲୀରୁ ଆମେରିକା ଆସିଥିଲା, କାମ ଦାମ ପାଉ ନଥିଲା । ପିରାମିଡ୍ ଅଙ୍କର କୁହୁକ ତା ମୁଣ୍ଡରେ ପଶିଲା । ବିଦେଶାଗତ (ଇମିଗ୍ରାଣ୍ଟ) ଟୋକାର କୁହାଳିଆ କଥାରେ ଲୋକେ ଆଗେଇ ଆସିଲେ । ୧୦ ଡଲାର ଭଳି କମ୍ ପରିମାଣର ପୁଞ୍ଜି ବି ନେଲା । ତେଣୁ ଗରିବ ଲୋକେ ବି ପଇସା ଲଗାଇ ପାରିଲେ । ଖବର ଏ କାନରୁ ସେ କାନ ହୋଇ ଚାରିଆଡେ ଖେଳିଗଲା, ପ୍ରତି ସପ୍ତାହରେ ଲକ୍ଷ ଲକ୍ଷ ଡଲାର ଆସିଲା, ଅଧିକାଂଶ ଶ୍ରମିକ ଶ୍ରେଣୀର ଲୋକଙ୍କଠାରୁ । ଜମା ବଦଳରେ ଯେଉଁ କୁପନ ମିଳିଲା ଲୋକେ ତାକୁ ପଞ୍ଜିନୋଟ କହିଲେ । ହିସାବରୁ ଜଣାଯାଏ ବୋଷ୍ଟନ ସହରର ପୋଲିସ୍ ବିଭାଗର ୭୫% ଲୋକେ ଏଥିରେ ପଇସା ରଖିଥିଲେ । ପଞ୍ଜି ସପକ୍ଷରେ ପୋଲିସ୍ । ତେଣୁ ଠକାମିକୁ କେହି ଧରିବେ କଣ ଉତ୍ସାହିତ କଲେ ।

ପ୍ରତି ତିନି ମାସରେ ଦୁଇଗୁଣ ହେବ ଭାବି ଲୋକେ ପଇସା ଫେରସ୍ତ ନେବାରେ ବିଳମ୍ବ କଲେ, କମ୍ ଲୋକେ ପଇସା ଉଠାଇଲେ । ପ୍ରଥମେ ପ୍ରଥମେ କେତୋଟି ନିବେଶକାରୀ ସୁଧ ପାଇଲେ ତ ଚାରିଆଡେ କହିହେଲେ, ସେମାନେ ଏତେ ପାଉଛନ୍ତି ଦେଖି ଓ ଶୁଣି ଆହୁରି ବେଶି ଲୋକ ଆକୃଷ୍ଟ ହେଲେ । ତେଣୁ ଅବଧି-ପୂର୍ଣ୍ଣ ହୋଇଥିବା କୁପନକୁ ଭଙ୍ଗାଇବାକୁ ଚାହୁଁଥିବା ମାତ୍ର କେଇଟି ଲୋକଙ୍କୁ ପ୍ରତିଶ୍ରୁତି ଅନୁଯାୟୀ ଧନ ଦେବାରେ ପଞ୍ଜି ସଫଳ ହେଉଥିଲା । 'କଥା ରଖୁଛି, ସମୟ ଅନୁଯାୟୀ କୁପନ ଫେରାଇଲେ ୩ ଗୁଣ ମିଳୁଛି, ଦିନେ ହଜାର ହଜାର ଡଲାର ମିଳିବ' - ଏ ଲୋଭରେ ବହୁତ ଲୋକେ କୁପନ ଭଙ୍ଗାଇଲେ ନାହିଁ । ଜୁଆର ପରେ ଜୁଆର ପରି ନିବେଶକାରୀମାନେ ଧାଡି ଲଗାଇଲେ । ପଞ୍ଜି ଶହ ଶହ କୋଟି ଡଲାରର ମାଲିକ ହୋଇଗଲା ।

ପଞ୍ଜିର ଆଶାଭାଣ୍ଡର କାୟା ବଢିଚାଲିଲା, ଡାକରେ ଲୋକେ ଡଲାର ପଠାଇଲେ, ତାହା ବି ସେ ଗ୍ରହଣ କଲା । ଭଙ୍ଗାଇବାକୁ ଚାହୁଁଥିବା ଲୋକଙ୍କୁ ଆହୁରି ରଖ ବୋଲି ପ୍ରବର୍ତ୍ତାଇଲା, ପରେ ସବୁ ଫେରାଇବି କହି ସମୟ ଗଡାଇଲା । ଖବର ପ୍ରକାଶ ପାଇଲା କିପରି ପଞ୍ଜି ଲୋକଙ୍କୁ ଠକୁଛି, ଲୋକଙ୍କ ଡଲାରକୁ ପାଣି ଭଳି ଉଡାଉଛି । ଲୋକେ କୁପନ ଧରି ପ୍ରତିଶ୍ରୁତିବଦ୍ଧ ଡଲାର ମାଗିଲେ, ସେ ଡାକରେ ଚେକ୍ ପଠାଇଲା, କୌଣସି ଗୋଟିଏ ଚେକ୍ ଭଙ୍ଗା ହୋଇପାରିଲା

ନାହିଁ । କାରଣ ଯେଉଁ ଏକାଉଣ୍ଟରେ ଚେକ୍ ଦେଲା ସେ ଏକାଉଣ୍ଟରେ ଆବଶ୍ୟକ ଡଲାର ନଥିଲା । ଲୋକେ ପୋଲିସରେ ଏତଲା ଦେଲେ । ପଞ୍ଜିର ଠକିବାର କୌଶଳ ସମସ୍ତେ ଜାଣିଲେ । ୧୯୨୦ରେ ଦୋଷୀ ସାବ୍ୟସ୍ତ ହୋଇ ପଞ୍ଜି ଜେଲ୍ ଗଲା । ଜେଲ୍‌ରୁ ଫେରି ପୁଣି ନୂଆ ପଞ୍ଜି ଯୋଜନା ଆରମ୍ଭ କଲା । ୧୯୩୪ ଭିତରେ ସେ କେତେ ଥର ଯେ ଜେଲ ଯାଇଛି କହିହେବ ନାହିଁ । ୧୯୩୪ରେ ତାକୁ ଇଟାଲୀ ପଠାଇ ଦିଆଗଲା । ସେ କେବେ ଆମେରିକାର ନାଗରିକ ହୋଇପାରିଲା ନାହିଁ । ୧୯୪୯ରେ ସେ କପର୍ଦ୍ଦକଶୂନ୍ୟ ହୋଇ ରାୟୋ ଡି ଜାନିରୋରେ ମୃତ୍ୟୁବରଣ କଲା ।

ପିରାମିଡ୍ ଭେଳିକିରେ ଲୋକଙ୍କୁ ଠକିଥିବା ଆଉ ଜଣେ ଜଣାଶୁଣା ଆମେରିକୀୟ ଲୋକ ହେଉଛନ୍ତି ଶ୍ରୀ ବର୍ଣ୍ଣାର୍ଡ ଏଲ୍ ମାଡଫ୍ । ୫୦ ବର୍ଷ କାଳ ପଞ୍ଜି ସ୍କିମ୍‌ରେ ଲୋକଙ୍କୁ ଭେଳିକି ଦେଖାଇ ହଜାର ହଜାର କୋଟି ଡଲାର ଆୟ କରିଥିଲେ, କିନ୍ତୁ ନିବେଶକାରୀଙ୍କୁ ଅଙ୍ଗୀକାର କରିଥିବା ଅର୍ଥ ଦେଇନଥିଲେ । ୨୦୦୯ ମାର୍ଚ୍ଚରେ ଏହି ଅର୍ବୁଦପତିଙ୍କୁ ୯୦ ବର୍ଷର କାରାଦଣ୍ଡ ଦେଇଛି । ସେ କୋର୍ଟରେ ମାନିଲେ, 'ମୁଁ ଯେତେବେଳେ ପଞ୍ଜି ସ୍କିମ୍ ଆରମ୍ଭ କଲି, ଭାବିଥିଲି ଅଳ୍ପ ଦିନରେ ସରିଯିବ । ଆଉ ମୁଁ ଓ ମୋ ଖାତକମାନେ ଏଥିରୁ ମୁକୁଳିଯିବୁ । ଖସିବା କଷ୍ଟକର ହେଲା, ଅଧିକରୁ ଅଧିକ ଫସିଗଲି । ତା ପରେ ଖସିବା ଅସମ୍ଭବ ହେଲା । ଦିନେ ନା ଦିନେ ଗିରଫ ହେବି ଧରିନେଲି । ଲୋକଙ୍କୁ ଠକିଛି ବୋଲି ଏବେ ମୁଁ ସର୍ବସମକ୍ଷରେ କ୍ଷମା ଚାହୁଁଛି ।'



ମାଡଫ୍‌ଙ୍କ ପିରାମିଡର ଶିକାର ହୋଇଥିବା ଲୋକେ କହିଲେ ଏ ହେଉଛି ମାଡଫ୍‌ଙ୍କ ଚାଲ୍, ସେ କେବଳ ଦୁଃଖ ପ୍ରକାଶ କରି ଏ ଠକାମିରୁ ଲାଭବାନ ହୋଇଥିବା ତାଙ୍କ ପରିବାର ଲୋକଙ୍କୁ ଘଣ୍ଟ ଘୋଡାଇଛନ୍ତି । ୱାଲ୍ ଷ୍ଟ୍ରିଟ୍‌ର ବୃହତ୍ତମ କେଲେଙ୍କାରିରେ କିଏ କେମିତି ମାଡଫ୍‌ଙ୍କୁ ସାହାଯ୍ୟ କରିଛନ୍ତି ତାହା ପଦାକୁ

ପଡି ନାହିଁ । ତାଙ୍କ ନିବେଶକାରୀଙ୍କ ଭିତରେ ଥିଲେ ନିୟୁ ଜର୍ସିର ସିନେଟର ଫ୍ରାଙ୍କ୍ ଲଉଟେନ୍ ବର୍ଗ, ହଲ୍ ଅଫ୍ ଫେମ୍ ର ଖେଳାଳୀ ସାଣ୍ଡି କୋଇଫାକ୍ସ, ନୋବେଲ୍ ଶାନ୍ତି ପୁରସ୍କାର ବିଜେତା ଏଲି ୱିଜେଲ୍ଙ୍କ ଚାରିଟି ବା ଦାତବ୍ୟ ସଂସ୍ଥା ।

ପଞ୍ଜି ସ୍କିମ୍‌ରେ ଲୋଭନୀୟ ଆୟ ବା ଉପହାର ଦିଆଯାଏ, ନିବେଶ ଇଚ୍ଛା କରୁଥିବା ଲୋକର ଲାଳ ଗଡେ । ନିବେଶ ମାଗୁଥିବା ଲୋକର କୁହାଳିଆ ଭାବ, ମନକୁ କିଣିନେବାର ଢଙ୍ଗରଙ୍ଗ, ଚହଟ ଚିକ୍କଣ କଥାବାର୍ତ୍ତା, ପଇସା ଥିବା ଲେକର ମନକୁ କିଣିନିଏ, ସେ ପଇସା ଲଗାଇବାକୁ ଆଗେଇ ଆସେ । ପୁଞ୍ଜି ଉପରେ କୁହାଯାଇଥିବା ଆୟ ବି ଅନ୍ତତଃ କିଛି ଦିନ ପାଇଁ ଦିଆଯାଏ । ଦେବା ପଇସା କେଉଁ ଲାଭ ବା ସୁଧରୁ ଆସେ ନାହିଁ, ପରେ ପରେ ଯେଉଁମାନେ ପୁଞ୍ଜି ଲଗାନ୍ତି ସେମାନଙ୍କ ମୂଳ ଧନରୁ ନିଆଯାଏ । ଏ କାମ କେତେ ଦିନ ଚାଲିବ? ଯେତେ ଦିନ ଯାଏ ଲୋକେ ସେମାନଙ୍କ ପଇସା ଫେରସ୍ତ ମାଗୁନଥିବେ । ପୁରୁଣା ନିବେଶକାରୀ ପୁରା ପଇସା ଉଠାଉନଥିବେ, ଆଉ ବେଶିରୁ ବେଶି ସଂଖ୍ୟାରେ ନୂଆ ନିବେଶକାରୀ ନଗଦ ପୁଞ୍ଜି ଲଗାଉଥିବେ । କ୍ରମବର୍ଦ୍ଧିଷ୍ଣୁ ସ୍ତର ସ୍ତରର ନୂଆ ଲୋକ ଯୋଗ ଦେଉଥିବାରୁ ରେଖାଚିତ୍ର ବା ଚାର୍ଟ ଟାଣିଲେ ଗୋଟିଏ ତୀଖ ପିରାମିଡ୍ ଭଳି ଦିଶିବ, ତେଣୁ ଏହି ଠକାମିକୁ ପିରାମିଡ୍ ସ୍କିମ୍ କୁହାଯାଏ ।



## ଚିଟ୍ ଫଣ୍ଡ ମାମଲା ନୂଆ ଘଟଣା ନୁହେଁ

ତିନି ଚାରି ବର୍ଷ ହେଲା ଆମେ ବାଲେଶ୍ୱର ଚିଟ୍ ଫଣ୍ଡ ମାମଲାର ଖବର ପଢୁଛୁ । ତାହାର ତଦନ୍ତ ଏ ଯାଏଁ ସରୁନାହିଁ । ଜାଲିଆତି ପରିମାଣ ୫୦୦ କୋଟି ଟଙ୍କାରୁ ବଢି ୧୨୦୦ କୋଟି ଧରିଲାଣି । ଏହାର ପ୍ରାୟୋଜକ ବା ମୁଖ୍ୟ ଖଳନାୟକ ବଲିଉଡ୍ ଅଭିନେତା ନାସୀର୍ ଖାଁ ୨୦୦୯ ଅକ୍ଟୋବର ୨୦ରେ ଗିରଫ ହେଲା ବେଳେ ଜାମିନରେ ଯିବା ବେଳେ ଭୁଲ ଠିକଣା ଦେଇଥିଲେ, ସେଥିଲାଗି କୋର୍ଟ କିଛି ଦଣ୍ଡ ବିଧାନ କରିବାର ଖବର ନାହିଁ । ଯେଉଁ ଓକିଲ ଏପରି ଭୁଲ ଠିକଣା ଦେଲେ ସେ ଆସାମୀକୁ ନଜାଣି କିପରି ଜାମିନ ଦରଖାସ୍ତ କଲେ ତାହାର ବି ଦଣ୍ଡ ନାହିଁ । ତଦନ୍ତକାରୀ ପୋଲିସ୍ ମିଡିଆ ସମ୍ମୁଖରେ ଅମୁକ କଲି ସମୁକ କଲି କହି ଆତ୍ମପ୍ରଚାର କରିବାରେ ବ୍ୟସ୍ତ । ଆମ ବିଚାର ପଦ୍ଧତି ତା ବାଟରେ ଯାଏ, ପ୍ରସିକ୍ୟୁସନ୍ (ମାମଲା ଚାଳନାକାରୀ) ଢିଲା ହୁଏ, ଖବର ବାସି ହେବା ପର୍ଯ୍ୟନ୍ତ ମୁଦାଲାର ଓକିଲ ସମୟ ଗଡାଇ ଚାଲେ, ତେଣୁ ଆମେ ଫଳ କଣ ହେବ କହିପାରିବା ନାହିଁ । ନାସୀରକୁ ୩ ଦିନ ଜେରା ପରେ ୨୨ ଜାନୁଆରୀରେ ଅନୁସନ୍ଧାନକାରୀ ଡିଏସ୍‌ପି କହିଲେ ବଡ ବଡ ପ୍ରଭାବଶାଳୀ ଅଫିସରମାନେ ଏ ମାମଲାରେ ସମ୍ପୃକ୍ତ ଅଛନ୍ତି । ବେଙ୍କ୍ ଅଧିକାରୀମାନେ ବି । ଏ କିଛି ନୂଆ କଥା ନୁହେଁ, ତଥାପି ସେ ବହୁତ ବଡ ଆବିଷ୍କାର କଲା ଭଳି କହିଲେ । ବାଲେଶ୍ୱରର ୨ ଲକ୍ଷରୁ ଅଧିକ ଲୋକ ପ୍ରାୟ ୧୦୦୦ କୋଟି ଟଙ୍କା (କିଏ କହେ ଆମ ଲୋକଙ୍କ ହାତରେ ପଇସା ନାହିଁ?) ଏଥିରେ ଖଟାଇଛନ୍ତି ବୋଲି ପୋଲିସର ଆକଳନ । ଏ ତ ଦିନ ଅଧକର ଘଟଣା ନୁହେଁ ।

ଆଗରୁ ଆମେ ଆଲୋଚନା କରିଛେ - ଏ ଠକାମିର ମୂଳ ପାଟିଗଣିତର ଏକ ସୂତ୍ର, ଓଲଟ ପିରାମିଡ । ପିରାମିଡ ଉପରକୁ କମି କମି ଯାଇ ଏକରେ ରହିଯାଏ, ଏହା ଏକରୁ ବଢି ବଢି ବହୁତ ହୋଇ ଥାଏ । ଭୁଶୁଡିବା ତାର ଧର୍ମ । ନସୀର ପୂର୍ବରୁ ଗିରଫ ହୋଇଥିବା

ସରୋଜ କୁମାର ସାମନ୍ତ ଡ୍ରିମ୍ ଆଚିଭର୍ ନାମକ କମ୍ପାନୀର ସ୍ପନ୍‌ସର୍ (ପ୍ରାୟୋଜକ) । ସେ ବର୍ଷକରେ ଲଗାଣ ପୁଞ୍ଜିର ତିନିଗୁଣ ଦେବେ ବୋଲି ପ୍ରତିଶ୍ରୁତି ଦେଇ ଲୋକଙ୍କଠାରୁ ଟଙ୍କା ନେଇଥିଲା, ସର୍ତ୍ତ ଯେ ନିବେଶକରିଥିବା ବ୍ୟକ୍ତି ଯେତେ ବେଶି ଲୋକଙ୍କୁ ଏ ସ୍କିମ୍‌ରେ ଭର୍ତ୍ତି କରିବ ସେତେ ଶୀଘ୍ର ତା ଖାତାରେ ୩ ଗୁଣ ଟଙ୍କା ଜମା ହୋଇଯିବ । ଡ୍ରିମ୍ ମର୍ଚ୍ଚାଣ୍ଟ ନାମକ ଆଉ ଏକ କମ୍ପାନୀ ଗଢି ପଣ୍ଡା ମାନକ ଜଣେ ବ୍ୟକ୍ତି ବାସୁଦେବପୁରର ୩ ଜଣ ଯୁବକ ଜରିଆରେ ୧ କୋଟି ଟଙ୍କା ଆଦାୟ କରିଛି । ବାଲେଶ୍ୱର, ଧାମରା, ଭଦ୍ରକ ଆଦି ଅଞ୍ଚଳରେ ୪ ମାସରେ ୪.୪୬ କୋଟି ଟଙ୍କା ପାଇଥିବା ବେଳେ କମ୍ପାନୀଟି ମାତ୍ର ୨ କୋଟି ଫେରାଇଛି । ଖବର ଯଦି ସତ୍ୟ ହୁଏ, ଯେଉଁମାନେ ପାଇଛନ୍ତି ସେମାନେ ଗୁଣ୍ଡାଗିରି କରି ପାଇଥିବେ ବା ଠକମାନଙ୍କର କାମରେ ଆସିଥିବେ ବୋଲି ପାଇଥିବେ । ଚିଟ୍ ଫଣ୍ଡ ବ୍ୟବସାୟ ଏକ ଅଣବେଙ୍କ କାରବାର ବୋଲି ରିଜର୍ଭ ବେଙ୍କ ହାତ ପୋଛି ଦେଉଛି । ଲୋକେ ଆପେ ଆପେ ଠକି ହେଉଛନ୍ତି ବୋଲି ସରକାରୀ କଳ ଚୁପ୍ ରହୁଛି । ଯେଉଁ ପୋଲିସ୍ 'ବିନା ମେଘେ ସୃଜି ପାରଇ କୁଳିଶ (ବଜ୍ର)' ସେ ଠକାମିର ମେଘ ତିଆରି ହେଉଥିଲା ବେଳେ ଚୁପ୍ ରହୁଛି, ଲିଖିତ ଏଫ୍‌ଆଇଆର୍ ନ ଦେଲେ ଅପରାଧ ଘଟୁଛି ବୋଲି ଭାବୁନାହିଁ । ପୁଣି ଏଫ୍‌ଆଇଆର୍ ନେଲେ ଥାନାରେ ଅପରାଧ ସଂଖ୍ୟା ବଢୁଛି ବୋଲି ଉପରିସ୍ଥ ଅଧିକାରୀମାନେ ଗାଳି ଦେବେ, ତେଣୁ ଏଫ୍‌ଆଇଆର୍‌କାରୀକୁ ଏପରି ହଇରାଣ କରାଯାଏ ଯେ ସେ ଯେପରି ଥାନାକୁ ନ ଆସୁ । ଟଙ୍କା ନ ଫେରାଇବା ଯେଉଁ ସ୍କିମ୍‌ର ଉଦ୍ଦେଶ୍ୟ, ତାହା ସାଧିତ ହୁଏ ।

ନିଜେ ଚାରି ପାଞ୍ଚ ଗୁଣ କଲେ ତ ନିବେଶକାରୀକୁ ୩ ଗୁଣ ଦେଇପାରିବ? ଯେତେ ଭଲ ବ୍ୟବସାୟ ହେଲେ ବି ଏତେ ଲାଭ କରିବାକୁ ସମୟ ଲାଗିବ । ବିଶାଳକାୟ ବ୍ୟବସାୟ ବା ଶିଳ୍ପ କରିବାକୁ ହେବ, ବହୁତ ଲୋକ ନିଯୁକ୍ତ କରିବାକୁ ହେବ, ଏଥିଲାଗି ବର୍ଷ ବର୍ଷ ଲାଗିଯିବ । ତେଣୁ ବର୍ଷକରେ ୩ ଗୁଣ ଫେରାଇବାର ପ୍ରଶ୍ନ ଉଠୁଛି କେଉଁଠୁ? ତେଣୁ କମ୍ପାନୀର ଓଡିଶାରେ ବା କାନପୁର, ମୁମ୍ବାଇ ଓ ଦିଲ୍ଲୀ ଭଳି ନଗରରେ ବେଙ୍କମାନଙ୍କରେ ଶହ ଶହ କୋଟି ଥିଲେ ବି ପୁଞ୍ଜିନିବେଶକାରୀଙ୍କୁ ଭୁଲାଇ କୁହାଯିବ "ଏବେ ଅସୁବିଧା ଅଛି, ସବୁର କର, ଆଉ କିଛି ରଖ, ସବୁ ଫେରି ପାଇବ ଯୋ' କେତେକ ଲୋଭୀ ତ ଗୁଡାଏ ପାଇବା ଆଶାରେ

ଅଧିକରୁ ଅଧିକ ଟଙ୍କା ନିବେଶ କରିବେ, ଚଞ୍ଚଳ ଫେରସ୍ତ ମାଗିବେ ନାହିଁ । ଲେଡି ଗୁଡ କହୁଣୀକୁ ବୋହିଗଲା ପରେ ମାଗିଲେ ବି ମିଳିବ ନାହିଁ । ସ୍କିମ୍‌ର ଅନ୍ତର୍ନିହିତ ଉଦ୍ଦେଶ୍ୟ - କେତେ ଜଣଙ୍କୁ ଗୋଟିଏ ଅଧେ କିସ୍ତି ଦେଇ ଅନ୍ୟମାନଙ୍କୁ ଜାଲକୁ ଆକର୍ଷଣ କରିବା, ଅଳ୍ପ କେତେକଙ୍କୁ ହାତରେ ରଖି ଗୁଡାଏ ଲୋକଙ୍କୁ ଫାଙ୍କି ମାରିବା । ଆଗରୁ ଏମିତି ଘଟିଛି, ବ୍ରହ୍ମପୁର, ସମ୍ବଲପୁର ଓ ଭୁବନେଶ୍ୱରରେ, ପଳାତକ ଚିଟ୍ କମ୍ପାନୀମାନଙ୍କର କୋଠା ବାଡି କେତେକ ନେତାଙ୍କ ସମ୍ପର୍କୀୟଙ୍କ ଅକ୍ତିଆରରେ ଏବେ ବି ଅଛି । ନେତାମାନଙ୍କ ଓ ଅଧିକାରୀ ମାନଙ୍କ ପୁଞ୍ଜି ଲାଗିଛି ବୋଲି ଦେଖାଇ ତ ସେମାନେ ସାଧାରଣ ଲୋକଙ୍କଠାରୁ ପୁଞ୍ଜି ଉଠାଉଥିଲେ । ଠକ କମ୍ପାନୀମାନେ ପ୍ରତିଶ୍ରୁତିବଦ୍ଧ ରାଶିର କିଛି କିଛି ଅଂଶ ପୋଲିସ୍ ତଥା ଉଚ୍ଚ ପଦାଧିକାରୀଙ୍କୁ ଦେଇ ସେମାନଙ୍କୁ ହାତ କରିଥାନ୍ତି, ବିଜ୍ଞାପନ ଦେଇ ସମ୍ବାଦ ପତ୍ରମାନଙ୍କୁ ହାତ କରିଥାନ୍ତି । ଲୋକଙ୍କ ଅସନ୍ତୋଷ ଗଣଆନ୍ଦୋଳନ ଆକାର ଧରିଲେ ସେମାନଙ୍କ ଚେତା ପଶେ, ସେମାନେ ଠକକମ୍ପାନୀଠାରୁ ଦୂରେଇ ଯାଆନ୍ତି ।


ଆମେ ଭଦ୍ରସମାଜ ବି ଏଥିଲାଗି ଦାୟୀ, କିଛି ଟଙ୍କା ସହଜରେ ମିଳିଯିବ ଭାବି ଆମେ ପ୍ରଭାବ ବିସ୍ତାର କରି ଆମକୁ ବିଶ୍ୱାସ କରୁଥିବା କେତେକ ଲୋକଙ୍କୁ ଏ ବ୍ୟାପାରରେ ପୁରୋଉଁ, ନିଜର ଟଙ୍କା ବଢିବ ଏ ପ୍ରଚ୍ଛନ୍ନ ଆଶା ଆମକୁ ଠକମାନଙ୍କୁ ସାହାଯ୍ୟ କରିବାରେ ଆଗେଇ ନିଏ । ଯେ ପର୍ଯ୍ୟନ୍ତ ଲୋକେ ଅନ୍ୟର ଧନ ମାରି ନେଇ ଧନୀ ହେବାକୁ ଚାହୁଁଥିବେ ଏବଂ ଯେ ପର୍ଯ୍ୟନ୍ତ ବିନା ପରିଶ୍ରମରେ, ପୁଣି ଚାହୁଁ ଚାହୁଁ, ଟଙ୍କାଟିଏ ଖଟାଇ ଦି ଟଙ୍କା ପାଇବାର ଲୋଭୀ ଥିବେ, ସେ ପର୍ଯ୍ୟନ୍ତ ଦୁନିଆରେ ଏମିତି ଠକାମି ଚାଲିଥିବ ।

ଲୋକେ କେବେ ଭାବୁନାହାନ୍ତି ଯେ ଏ ପ୍ରକାରର ଉଚ୍ଚ ସୁଧ ଦେଇ କୌଣସି ବ୍ୟବସାୟ ତିଷ୍ଠି ପାରିବ ନାହିଁ । ସେ ନୂଆ ନୂଆ ଗ୍ରାହକ କରି ସେମାନଙ୍କ ଟଙ୍କାରୁ ହିଁ କିଛି କିଛି ପୁରୁଣା ଗ୍ରାହକଙ୍କୁ ଦେଇ ଆସ୍ଥାଭାଜନର ସୂଚନା ଦେବ । ଯିଏ ବର୍ଷକରେ ଟଙ୍କାକୁ ୩ ଟଙ୍କା କରିବ କହେ ସେ ତ ଟଙ୍କାଏ ଖଟାଇ ୪ ଟଙ୍କା ପାଇବାର ସୁବିଧା ହାସଲ କରିଛି କି ବୋଲି ନିବେଶକାରୀ ପ୍ରଶ୍ନ କରେ ନାହିଁ । ଯଦି ବର୍ଷକରେ ଲୋକ ଟଙ୍କା ଫେରସ୍ତ ଚାହେଁ, ତେବେ ତାକୁ ୩ ଟଙ୍କା ଦେବାକୁ ପଡିବ । ନିଜର ଖର୍ଚ୍ଚ ବାର୍ଚ୍ଚ ଅଛି, ବ୍ୟବସାୟରେ ଲଗାଇଥିବା

କର୍ମଚାରୀଙ୍କ ଦରମା ପତ୍ର ଅଛି । ବାଲେଶ୍ୱରର ପିରାମିଡ୍ ଯୋଜନାକାରୀ ହିନ୍ଦୀ ସିନେମାରେ ଟଙ୍କା ଲଗାଇଥିଲେ ବୋଲି ଖବରକାଗଜରେ ପ୍ରକାଶ ପାଇଛି । ସିନେମାରୁ ଲାଭ କେତେ ମିଳିବ କେବେ ମିଳିବ, ତାହାର ନିଶ୍ଚିତତା ନାହିଁ, ତେଣୁ ବର୍ଷକରେ କେହି ଫେରସ୍ତ ମାଗିଲେ ସେ ଦେବ କିପରି? ପିରାମିଡ୍ ସ୍କିମ୍‌ର ପ୍ରାୟୋଜକର ଓ ତାଙ୍କ ନିଯୁକ୍ତ କର୍ମଚାରୀମାନଙ୍କର ମିଠାଳିଆ କୁହାଳିଆ କଥାରେ ଲୋକେ ଭୁଲି କଷ୍ଟୋପାର୍ଜିତ ଟଙ୍କା ନିବେଶ କରନ୍ତି, ଫେରସ୍ତ ପାଇବାରେ ହତାଶ ହେଲେ ପୋଲିସରେ ଖବର ଦିଅନ୍ତି । ସେତେବେଳକୁ ଲେଡି ଗୁଡ କହୁଣିକୁ ବୋହିଯାଇଥାଏ । ହଠାତ୍ ଧନୀ ହେବାର ଲୋଭରେ ଅନ୍ଧ ହୋଇଥିବା ଲୋକ ସରକାରକୁ ଦୋଷ ଦିଏ । ଯେ ନିଜେ ଠକାମିକୁ ଡାକି ଆଣୁଛି ତାକୁ ସରକାର କିପରି ରୋକିବ ବୋଲି ସରକାର କହେ । ଯେଉଁ କେତେକ ଲୋକଙ୍କୁ ଖୁସି କରି ପାରିଲେ କୋଟି କୋଟି ଆଦାୟ କରିବା ସହଜ ହେବ ସେମାନଙ୍କୁ ପ୍ରାୟୋଜକ ହାତ କରିଥାଏ, ଯଥା ମନ୍ତ୍ରୀ ବା ଅଫିସରଙ୍କ ଭ୍ରାଇଁ, ଶଳା, ପୁଅ ବା ଅନ୍ୟ ସମ୍ପର୍କୀୟଙ୍କୁ ଡାଇରେକ୍ଟର କରିନିଏ, ଲାଭରୁ ମୋଟା ଅଙ୍କ ଦିଏ । ପୋଲିସ୍‌କୁ ଏ ସ୍କିମ୍‌ରେ ପୂରେଇ ଯଥା ସମୟରେ ତିନି ଗୁଣ ଟଙ୍କା ଫେରସ୍ତ ଦେଇ ହାତରେ ରଖେ । ନିଜେ ଲାଭବାନ୍ ହୋଇଥିବାରୁ ପୋଲିସ୍ ଅଧିକାରୀ ପ୍ରଥମେ ପ୍ରଥମେ ଏ ସମ୍ପର୍କରେ ଆସୁଥିବା ଅଭିଯୋଗକୁ ଏଡାଇ ଦିଏ । ଅଭିଯୋଗ ଗଣଆନ୍ଦୋଳନ ରୂପ ନେବାର ଆଶଙ୍କା ହେଲେ ହିଁ ପୋଲିସ୍ କେଶ୍ ରଜୁ କରେ । ସିବିଆଇ ତ ପୋଲିସ୍, ସେ କଣ ଏ କଥା ଜାଣି ନାହିଁ? ଲୋକେ ଅଭିଯୋଗ କଲେ ଓ ସରକାର ଆଦେଶ ମିଳିଲେ ହିଁ ସେମାନେ ଅନୁସନ୍ଧାନ ଆରମ୍ଭ କରନ୍ତି । ସେପର୍ଯ୍ୟନ୍ତ ସେମାନେ କାହିଁକି ଅନ୍ଧ ଥାଆନ୍ତି କେହି (ସରକାର ବି) ପ୍ରଶ୍ନ କରେନାହିଁ ।

ପିରାମିଡ ଭୁଶୁଡିବାର କାରଣ ଆମେ ପ୍ରଥମରୁ ପଢିଛେ । ଯଦି ପ୍ରକୃତରେ ପ୍ରତ୍ୟେକ ନିବେଶକାରୀ ସୂତ୍ର ମୁତାବକ ତୃତୀୟ ବା ୫ ଗୁଣର ନୂଆ ନିବେଶକାରୀ ଯୋଗାଡ କରେ ତେବେ କାଳକ୍ରମେ ସଂଖ୍ୟା ଏତ ହେବ ଯେ ପୃଥିବୀର ଲୋକ ସଂଖ୍ୟାକୁ ଟପିଯିବ । ଅର୍ଥାତ୍ କେବେ ପିରାମିଡି ଅନନ୍ତ କାଳ ଚାଲିପାରିବ ନାହିଁ, ସମସ୍ତଙ୍କ ପାଖରେ ନିବେଶ କଲା ଭଳି ଟଙ୍କା ନଥିବ, ନାହିଁ ମଧ୍ୟ । ପୁଣି ବନ୍ଧୁବାନ୍ଧବ ବା ସମ୍ପର୍କୀୟଙ୍କ ସଂଖ୍ୟା ସୀମିତ, ସେମାନେ ତ

ବାରମ୍ବାର ଏତେ ଟଙ୍କା ଖାଇବା ଲାଗି ସମ୍ବଳ ପାଇବେ ନାହିଁ । ୧୫ ଥରକୁ ୨,୧୫,୨୩,୨୩୯ (ଦୁଇ କୋଟିରୁ ବେଶି) ନୂଆ ନିବେଶକାରୀ ଓ ୧,୦୭,୬୧,୬୧୯ ପୁରୁଣା ନିବେଶକାରୀ - ମୋଟରେ ୩ କୋଟି ୨୨ ଲକ୍ଷ ୭୪ ହଜାର ୮ ଶହ ୫୮ ନିବେଶକାରୀ ଦ୍ରକାର ହେବେ, ଓଡିଶା ଯାକ ଖୋଜିଲେ ଏତେ ପୁଞ୍ଜି ଲଗାଇବା ଲୋକ ମିଳିବେ ନାହିଁ, ତେଣୁ ପୁରୁଣା କୋଟିଏ ସାତ ଲକ୍ଷରୁ ବେଶି ନିବେଶକାରୀଙ୍କ ପୁଞ୍ଜି ଗଲା । ନୂଆ ପଶିଥିବା ନିବେଶକାରୀମାନେ ତ ସହଜେ କିଛି ପାଇବେ ନାହିଁ । କାଲି ଦେବି ପଅରି ଦିନ ଦେବି କହି ଶହ ଶହ ଲୋକଙ୍କ କୋଟି କୋଟି ଟଙ୍କା ମାରିନେବା ଲୋକ ପୋଲିସ୍ ଖାତାରେ 'ଫେରାର' ଲେଖାହେବ ନାହିଁ ତ ଆଉ କଣ ଲେଖାହେବ?



## ମାମଲା ଚାଲେ, କିନ୍ତୁ ଶିକାର ହୋଇଥିବା ଲୋକେ କିଛି ପାଆନ୍ତି ନାହିଁ

ଆମ ରାଜ୍ୟର କ୍ରାଇମ୍ ବ୍ରାଞ୍ଚ ବାଲେଶ୍ୱର ଚିଟ୍ ଫଣ୍ଡ ଠକାମି ମାମଲାରେ ୭ଟିରୁ ଅଧିକ କମ୍ପାନୀର ପ୍ରାୟ ୭୨ କୋଟିରୁ ଅଧିକ ଟଙ୍କା ଜବତ୍ କରିଛି ବୋଲି ବାହା ବା ନେଉଛି । ସହଜରେ ଲୋକଙ୍କଠାରୁ ଟଙ୍କା ଗୋଟାଇବା ଲାଗି ଧନୀ କରିଦେବା ପ୍ରଲୋଭନ ଦେଖାଉଥିବା କମ୍ପାନୀର ମାଲିକ ନିବେଶକାରୀଙ୍କୁ ଠକାଏ ଏବଂ ଅନାୟାସରେ ଧନୀ ହେବାର ଲୋଭରେ ନିବେଶକାରୀ ଠକିଯାଏ । ଘରୋଇକରଣ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ଲାଗି ସରକାରୀ ନିୟନ୍ତ୍ରଣ କୋହଳ ହୋଇଯାଇଛି, ନିଜ ମର୍ଜି ଉପରେ କମ୍ପାନୀଟିଏ ଗଢି ମନ ଇଛା ଟଙ୍କା ଉଠାଇବା ସହଜ ହୋଇଛି । କମ୍ପାନୀ ଗଢିବା ଉଦ୍ଦେଶ୍ୟ ଉପରେ କେହି ପ୍ରଶ୍ନ କରୁନାହିଁ, ଅଳ୍ପଦିନରେ ଧନୀ ହେବାକୁ ଚାହୁଁଥିବା ଲୋକଙ୍କୁ ଫୁସୁଲେଇ କୋଟି କୋଟି ଟଙ୍କା ଗୋଟେଇ ନେବା ସହଜ ହେଉଛି । ରିଜର୍ଭ ବ୍ୟାଙ୍କ ଅଣବ୍ୟାଙ୍କ କାରବାର କହି ଚୁପ୍ ରହୁଛି ଏବଂ ପୁଞ୍ଜି ସୁରକ୍ଷା ଲାଗି ଗଠିତ ସେବୀ (ସେକୁରିଟିଜ୍ ଆଣ୍ଡ ଏକ୍ସଚେଞ୍ଜ ବୋର୍ଡ ଅଫ୍ ଇଣ୍ଡିଆ) କାଲ ହୋଇଯାଉଛି । ଗାଆଁରେ ଲୋକେ କହନ୍ତି: ଯଦି କିଛି ଗନ୍ଧାଉଛି, ତା ଉପରେ ଢାଙ୍କୁଣୀ ଦେଇଦିଅ । ସରକାର ସେଇଆ କରନ୍ତି ।

୧୯୯୦ ଦଶକର ଘରୋଇକରଣ ଆଗରୁ ଦୋକାନୀମାନେ ନିଜ ଜିନିଷ ବିକ୍ରିର ସୁବିଧା ଲାଗି ପିରାମିଡ୍ ଅଙ୍କର ସାହାଯ୍ୟ ନେଉଥିଲେ । ୧୯୫୬-୬୦ରେ ପଞ୍ଜାବର ଗୋଟିଏ ସାଇକେଲ ଦୋକାନୀ ୨୦ ଟଙ୍କାରେ ୧୦୦ ଟଙ୍କିଆ ସାଇକେଲଟିଏ ଦେବ ବୋଲି ପ୍ରଚାର କଲା । ସର୍ତ୍ତ ଯେ ତୁମେ ୨୦ ଟଙ୍କା ଦେଇ ଗୋଟିଏ ଟିକଟ କିଣିବ, ଆଉ ୫ଟି ମାଗଣା ଟିକଟ ପାଇବ, ତୁମେ ୫ ଜଣଙ୍କୁ ଗୋଟିଏ ଲେଖା ଟିକଟ ଦେଇ କହିବ ସେମାନେ ପ୍ରାୟୋଜକ ପାଖକୁ ୨୦ ଟଙ୍କା ପଠାଇବେ, ସେ ୫ଟି ଟିକଟ ପଠାଇବ, ତାକୁ ପାଇ ସେମାନେ ପ୍ରତ୍ୟେକେ ୫ଜଣକୁ ମେମ୍ବର କରାଇନେବେ । ତୁମଠୁ ନେଇଥିବା ୫ଜଣଙ୍କଠାରୁ ମୋଟ ୧୦୦ ଟଙ୍କା

କମ୍ପାନୀ ପାଇଗଲା ପରେ ତୁମକୁ ପ୍ରାୟୋଜକ ଗୋଟିଏ ସାଇକେଲ ଦେବ । କମ୍ପାନୀ ମୋଟରେ ୧୨୦ ଟଙ୍କା ପାଇ ୧୦୦ ଟଙ୍କିଆ ସାଇକେଲଟିଏ ଦେଲା । ବିକ୍ରି ହେଉନଥିବା ସାଇକେଲ ବିକ୍ରି ହେଲା, ଏ ସ୍କିମ୍‌ର ମେମ୍ବରମାନେ ବନା ଦରମାରେ କମ୍ପାନୀର ବିକ୍ରେତା (ସେଲ୍‌ସ୍‌ମାନ୍) ହୋଇଗଲେ । ଅଧିକନ୍ତୁ କମ୍ପାନୀ ୨୦ ଟଙ୍କା ବେଶି ପାଇଲା । ଏମିତି ପ୍ରତ୍ୟେକେ ୫ ଜଣ କରି କେତେ ଦିନ ଯାଏ ସାଇକେଲ-କିଣିଲାବାଲା ପାଇବେ? ଶେଷରେ ଯେଉଁମାନେ ୨୦ ଟଙ୍କା ଲେଖାଁ ପଇଠ କରି ୫ ଲେଖାଏଁ ଲୋକ ପାଇ ନଥିବେ ସେମାନେ ୨୦ ଲେଖାଏଁ ହରାଇଥିବେ । ସେମାନଙ୍କ ସଂଖ୍ୟା ହଜାରେ ହେଲେ ହଜାରେ କୋଡି ଟଙ୍କା (୧୯୫୬-୬୦ରେ ୨୦ହଜାର ଏବେ ୨୦୦୯-୧୦ରେ ୮ ଲକ୍ଷ ସାଙ୍ଗେ ସମାନ) କମ୍ପାନୀ ମାଗଣାରେ ପାଇଗଲା । ଏ ହେଉଛି ପିରାମିଡ୍ ଅଙ୍କର କରାମତି । ଆମେରିକାର ପଞ୍ଜି ସ୍କିମ୍ । ଘରୋଇକରଣର ହାୱାରେ ଲୋକଙ୍କୁ ହଠାତ୍ ଧନୀ ହେବାର ନିଶା ଘାରିଛି । ଘରେ ବସି ବୁଦ୍ଧିର ଚାଲ୍ ଖେଳି ଲୋକଙ୍କୁ ଠକିବାର ସୁଯୋଗ ବଢିଚାଲିଛି । ତେଣୁ ଧୋବଧାବଳିଆ ପୋଷାକଧାରୀମାନେ ଅପରାଧୀ ସାଜିଛନ୍ତି ।

ମୁମ୍ବାଇ ନିକଟ ଥାନେର ୩୦ ବର୍ଷୀୟ କଲେଜ ଲେକ୍‌ଚର୍ ଅରବିନ୍ଦ ଓଝା ଦି ଘଣ୍ଟାରେ ୫ ଶହକୁ ୪୫ ହଜାର କରିଦେବେ ବୋଲି ବିଜ୍ଞାପନ ଦେଲା । ୨-୩ ଘଣ୍ଟାରେ ୯୦ ଗୁଣ । ୫୦୦ ଟଙ୍କା ଦେଇ ଅନ୍ ଲାଇନ୍ ରେଜିଷ୍ଟ୍ରି କର, ଗୋଟିଏ ବିଜିନେସ କିଟ୍ ପାଇବ, ୫ ଜଣ ନୂଆ ଲୋକକୁ ସଭ୍ୟ କର । ପ୍ରତି ସଭ୍ୟ ଯେତେ ୫ ଲେଖାଏଁ ନୂଆ ସଭ୍ୟ କରୁଥିବ ସେତେ ଶୀଘ୍ର ତାକୁ ୪୫,୦୦୦ ଟଙ୍କା ମିଳୁଥିବ । ଏବେ ଅରବିନ୍ଦ ଫେରାର୍ । ଥାନେର ଏକ ବରା ଦୋକାନୀ ଶିବାଜୀ କାମ୍ବଲେ ମହାରାଷ୍ଟ୍ର ମାର୍କେଟିଂ ଗୋଲ୍‌ଡେନ୍ ହଲିଡେଜ୍ କମ୍ପାନୀ କରି ଥରେ ୩୦୦୦ ଟଙ୍କା ଦେଲେ ବର୍ଷକ ଭିତରେ ୩ ଲକ୍ଷ ଟଙ୍କା ମିଳିବ ପ୍ରତିଶ୍ରୁତି ଦେଇ ୩୨,୦୦୦ ଲୋକଙ୍କଠୁଁ ୧୮ କୋଟି ସଂଗ୍ରହ କଲା । ଏବେ ଶିବାଜୀ ଜେଲରେ ।

ସନ୍ଦୀପ କଣ୍ଡାଲକର ସ୍ତ୍ରୀ ଲୀନା ଆଉ ୪ ଜଣ ମିଶି ଗୋଟିଏ ସ୍କିମ୍ କଲେ । ନିବେଶକାରୀର ୧୦୦ ଶତାଂଶ ଆୟ ପୁଣି ୫ ବର୍ଷ ଶେଷରେ ଗୋଟିଏ ଇଣ୍ଡିକା କାର୍ । ଏମ୍‌ଟିଏନ୍‌ଏଲ୍‌ର ଜଣେ କର୍ମଚାରୀ ଶାନ୍ତାରାମ ନାୟକ ବି ଏଥିରେ ସାମିଲ ହେଲା । ପଇସା

ମିଳିଲେ କିଏ କାମ ନ କରିବ? ବ୍ୟବସାୟୀ କୈଳାଶ ଗଙ୍ଗେ'ଙ୍କୁ ତାଙ୍କ ପରିଚିତ ସୁନୀଲ ମହାତ୍ରେ ଏ ପ୍ରଲୋଭନୀୟ ସ୍କିମ୍ ବିଷୟରେ ବୁଝାଇଲା, ସେ ଶାନ୍ତାରାମ ନାୟକ ସହ ମିଶାଇଲା । ନାୟକ ନିଜର ପତିଆରା ବିଷୟରେ ଗର୍ବ କରି, କଣ୍ଡାଲକର୍‌ର ୪ଟି କମ୍ପାନୀରେ ଅଂଶୀଦାର ଅଛି ବୋଲି କହିଲା । ୧·୬ ଲକ୍ଷ ଟଙ୍କା ନିବେଶରେ ପ୍ରତି ମାସ ୨୫,୦୦୦ ପାଞ୍ଚ ବର୍ଷ ଯାଏ ପାଇବ, ବର୍ଷେ ପୂରିଲେ ତା ନାଁ'ରେ ଗାଡି କିଣାଯିବ । ୫ ବର୍ଷ ପରେ ଇଣ୍ଡିକା ତାକୁ ଦିଆଯିବ ।

ଗଙ୍ଗେ ଓ ତା ସ୍ତ୍ରୀ ୬ ଲକ୍ଷ ନିବେଶ କଲେ ଓ ସ୍କିମର ପ୍ରଚାରରେ ଲାଗିଗଲେ । ଗଙ୍ଗେଙ୍କ ସାଙ୍ଗମାନେ ତା ପରାମର୍ଶରେ ୫୪ ଲକ୍ଷ ଲଗାଇଦେଲେ । କିଛି ମାସ ପାଇଁ ଗଙ୍ଗେ ତାର ସୁଧ ପାଇଲା, ପରେ ପରେ ଚେକ୍ ଫେରି ଆସିଲା । ଟିକେ ଅସୁବିଧା ଅଛି ସବୁ ମିଳିଯିବ କହି ଠକମାନେ ସମୟ ଗଡାଇ ଚାଲିଲେ । ଦିନେ ଦେଖିଲା ବେଳକୁ କଣ୍ଡଲକର'ର ଅଫିସ୍‌ରେ ତାଲା ଝୁଲୁଛି । ୧୯୮୦-୯୦ ଦୁଇ ଦଶକ ଯାକ ଗଛଲଗା କମ୍ପାନୀମାନେ 'ଗୋଟିଏ ସାଗୁଆନ୍ ଗଛ ଲଗାଇବା ପଇସା ଦିଅ, ୨୦ ବର୍ଷରେ ୧୦୦୦ ଗୁଣ ପାଅ' କହି ଲୋକଙ୍କୁ ଭୂଆଁ ବୁଲାଇଲେ ।

ବାଲେଶ୍ୱର ଚିଟ୍ ଫଣ୍ଡର କର୍ଣ୍ଣଧାର ନସୀର ଥାକ ଥାକିଆ (ମଲ୍‌ଟି ଲେଭେଲ୍) କମ୍ପାନୀ ଗଢି ପିରାମିଡ୍ ଅଙ୍କର ବ୍ୟବସାୟ କରିଛି । ତାର ସହଯୋଗୀ ସରୋଜ କୁମାର ସାମନ୍ତ ଡ୍ରିମ୍ ଆଟିଭର୍ କମ୍ପାନୀରେ ପୁଞ୍ଜି ଲଗାଇଲେ ବର୍ଷକରେ ତିନିଗୁଣ ମିଳିବ କହିଥିଲା, ଅନ୍ୟ ସହଯୋଗୀ ପଣ୍ଡା ଡ୍ରିମ୍ ମର୍ଚାଣ୍ଟ ନାମକ କମ୍ପାନୀ ଜରିଆରେ ଜୁଞ୍ଜିକୁ ୩ ଗୁଣ କରିଦେବ କହିଥିଲା । ବାସୁଦେବପୁର, ବାଲେଶ୍ୱର, ଧାମରା, ଭଦ୍ରକ ଆଦି ଅଞ୍ଚଳରୁ ୪ ମାସରେ ୫ କୋଟି ଟଙ୍କା ଆଦାୟ କରିନେଲେ ।



ଲୋକେ କେବେ ଭାବୁ ନାହାନ୍ତି ଯେ ଏ ପ୍ରକାରର ଉଚ୍ଚ ଆୟ ଦେଇ କୌଣସି ବ୍ୟବସାୟ ତିଷ୍ଠି ପାରିବ ନାହିଁ । ପ୍ରାୟୋଜକ ଚାହେଁ ବିନା ଆୟାସରେ କୋଟିପତି ହେବ, ସାଧାରଣ ଲୋକ ଚାହେଁ ହଠାତ୍ ବଡ ଲୋକ ହେବ - ଏ ଦୁଇଟି ଲୋଭ ଏକାଠି ହେଲେ

ପିରାମିଡ୍ ସ୍କିମ୍‌ର ଜାଲ ବିଛେଇ ହୋଇ ଯାଏ । ବେହିସାବୀମାନେ ନିଜ ପଇସା ହରାଇ ଥାଆନ୍ତି ଓ ତାହା କୋଟି କୋଟି ସଂଖ୍ୟାର ହୋଇଥିବାରୁ ପ୍ରାୟୋଜକ ସହଜରେ କୋଟିପତି ହୁଏ, ସାଧାରଣ ଲୋକ ତାହାର ଜୀବନର ସବୁ ସଂଚୟକୁ ହରାଇ ଆତ୍ମହତ୍ୟା କରିବାକୁ ଉଦ୍ୟତ ହୁଏ । ଏଭଳି ପିରାମିଡ୍ ସ୍କିମବାଲା ନରହତ୍ୟାର ଉଦ୍ରେକକାରୀ (ଆବେଟର୍) ଭାବରେ କାହିଁକି ଦଣ୍ଡିତ ହେବାର ବନ୍ଦୋବସ୍ତ କରାଯାଉ ନାହିଁ?

ଆର୍ଥିକ ଅପରାଧ ବୃଦ୍ଧି ହେବା ଯୁଗର ଗୁଣ; ନିୟନ୍ତ୍ରଣର ଅଭାବରେ ଘରୋଇ ବା ବ୍ୟକ୍ତିଗତ ଲାଳସାର ପରିଣାମ । ପୁଞ୍ଜିନିବେଶକାରୀଙ୍କୁ ତାର ପୁଞ୍ଜି ଫେରାଇବା ବ୍ୟବସ୍ଥା ଉପରେ ପ୍ରଶାସନିକ ନିୟନ୍ତ୍ରଣର ଅଭାବ, ପୁଞ୍ଜି ନିବେଶରେ ବିପଦ-ଆଶଙ୍କା ନିରୂପଣରେ ପ୍ରଶାସନର ଜ୍ଞାନର ଅଭାବ, ଅର୍ଥଲଗାଣ ସଂସ୍ଥା ଗୁଡିକର କୁପରିଚାଳନା - ଏ ଗୁଡିକ ଠକ କମ୍ପାନୀମାନଙ୍କୁ ପ୍ରୋତ୍ସାହନ ଦେଉଛି । ବିଭିନ୍ନ ଦେଶର ଏବଂ ଦେଶ ଭିତରେ ବିଭିନ୍ନ ରାଜ୍ୟର ସରକାରମାନେ ଯେନତେନ ଉପାୟେଣ ଗ୍ଲୋବାଲ୍ ବା ଗୋଲକୀୟ ପୁଞ୍ଜି ଆହରଣରେ ଲାଗିପଡିଛନ୍ତି, କମ୍ପାନୀମାନଙ୍କ ଉପରେ ସରକାରୀ ନିୟନ୍ତ୍ରଣ ହ୍ରାସ କରିବାରେ ପ୍ରତିଯୋଗିତା କରୁଛନ୍ତି ।

ପାଠ କଥା ଦେଖ । ନୀତି ଅନୀତି ବିଚାର ଅର୍ଥଶାସ୍ତ୍ରର ପରିସରଭୁକ୍ତ ନୁହେଁ । ଏମ୍‌ବିଏ ପାଠ କହେ ଗ୍ରାହକର ଦୁର୍ବଳତା ଠଉରାଇ ଦୋକାନ ତିଆରି କର, ତା ମନ ଭିତରେ ତୁମ ଜିନିଷ ବା ସେବା ପ୍ରତି ଚାହିଦା ସୃଷ୍ଟି କର, ତାହା ହିଁ ବିଜିନେସ୍ (ଏମ୍‌ବିଏ'ର 'ବି'), ତହିଁରେ ସାମାଜିକ ମୂଲ୍ୟବୋଧର ସ୍ଥାନ ନାହିଁ, କମ୍ପାନୀର ଲାଭ ହିଁ କାମ୍ୟ । ରିସ୍କ ଇଜ୍ ପ୍ରଫିଟ୍ । ବିପଦ ବରଣ ନ କଲେ ଲାଭ ନାହିଁ । ସବ୍‌ପ୍ରାଇମ୍ ଲେଣ୍ଡିଂ (ଅସୁରକ୍ଷିତ ଋଣ) ଫେଲ୍ ମାରିବାର କାରଣ କଣ? ବନ୍ଧକ ନଦେଉଥିବାରୁ ଋଣୀ ବେଶି ସୁଧ ଦେବାକୁ ରାଜି ହୁଏ, ବେଶି ସୁଧ ମିଳୁଥିବାରୁ ବ୍ୟାଙ୍କ୍ ଅଧିକାରୀମାନେ ତହିଁରେ ବେଶି ଖଟାନ୍ତି, ବେଶି ଖଟାଇଲେ କାମ ଭଲ କରୁଛି ବୋଲି ଅଧିକାରୀଙ୍କୁ ବେଶି ଦରମା ବା ଉଚ୍ଚ ପଦ (ପ୍ରମୋସନ୍) ଦିଆଯାଏ । ଘର କରିବାର ଋଣ ନେଇ ଯିଏ ଘର କଲା ସେ ଯଦି ଘର ବିକ୍ରି କରିନପାରିଲା ତେବେ ସୁଧ ଦେବ କିପରି? ମୂଳ ତ ଦୂରର କଥା । ସୁଧ ନ ପାଇଲେ, (ଋଣ ଫେରସ୍ତ ତ ଦୂରର କଥା) ବ୍ୟାଙ୍କ ପଇସା ପାଇବ କେଉଁଠୁ ଯେ ଆଉ ଋଣ ଲଗାଣ କରିବ? ପୁଞ୍ଜି ଅଭାବରେ ବ୍ୟାଙ୍କ ଫେଲ୍

ମାରିବ । ଆମେରିକାରେ ତାହା ହିଁ ହେଲା । ୨୦୦୮ ଓ ୨୦୦୯ର ଯୁକ୍ତରାଷ୍ଟ୍ର ଆମେରିକାର ଆର୍ଥିକ ଦୁର୍ଗତି (ରିସେସନ୍) ଏହି କାରଣରୁ ଘଟିଲା ଓ ଆମେରିକା ସରକାର ତୃତୀୟ ଲକ୍ଷ କୋଟିରୁ ଅଧିକ ଡଲାରର ସହାୟତା (ଲୋକଙ୍କ ଟିକସର ଆଦାୟ ଅର୍ଥରୁ) ଆମେରିକାର ବଡ ବଡ ଆର୍ଥିକ ସଂସ୍ଥାମାନଙ୍କୁ ଦେଲେ । ବଡ ବା ଧନୀ ଲୋକଙ୍କ ପଇସା ଥିବା ବ୍ୟାଙ୍କ ଫେଲ୍ ମାରିଲେ ସାଧାରଣ ଜନତାର ଖଜଣାରୁ ତାହା ଭର୍ତ୍ତି ହେବ - ଏ କେଉଁ ନ୍ୟାୟର କଥା? ତାହା ହିଁ ଆଜିର ଉଦାରୀକରଣର ପରିଣାମ ହୋଇଛି - ନେତାମାନେ ବଡ ବଡ ଲୋକଙ୍କ ପଇସାକୁ ସୁରକ୍ଷିତ ରଖୁଛନ୍ତି, ଗରିବ ଚାଷୀ ଋଣ ଖିଲାପ କଲେ ତା ଘର କୋରକ ହେଉଛି ।

ଆମେରିକାର ଆର୍ଥିକ ପାଚେରୀ, ୱାଲ୍ ଷ୍ଟ୍ରିଟ୍, ଭୁଶୁଡି ପଡିଲା, ଆମେରିକା ସରକାର ସାଧାରଣ ନାଗରିକମାନଙ୍କ ଟିକସରୁ ଅର୍ବୁଦ ଅର୍ବୁଦ କୋଟି ଡଲାରର ସଞ୍ଜିବନୀ (ଷ୍ଟିମୁଲସ୍ ପାକେଜ୍) ଯୋଗାଇଲେ । ଭାରତ ସରକାର ବି ରିଜର୍ଭ ବ୍ୟାଙ୍କର ନିୟମ କୋହଳ କରି ପରୋକ୍ଷରେ ହଜାର ହଜାର କୋଟି ଷ୍ଟିମୁଲସ୍ ପାକେଜ୍ କଲେ । ଏବେ ବି ନିଜକୁ ନ ସୁଧାରି ଆର୍ଥିକ କମ୍ପାନୀମାନେ ପ୍ରଲୋଭନ ଦେଖାଇ ପୁଞ୍ଜି ଉଠାଇବାରେ ଲାଗିଛନ୍ତି, ସରକାର ଓ ସେବୀ (ସେକ୍ୟୁରିଟି ଆଣ୍ଡ ଏକ୍ସଚେଞ୍ଜ ବୋର୍ଡ ଅଫ୍ ଇଣ୍ଡିଆ) ଅନୁମତି ଦେଉଛି ବା ଚୁପ୍ ରହୁଛି ।

ବୀମା କମ୍ପାନୀମାନେ ବି ଠକାଉଛନ୍ତି । ଗ୍ରାହକର ସାମର୍ଥ୍ୟ ବିଚାର ନ କରି, ଯିଏ ଯେତେ ବୀମା କରି ପାରିବ ତା ଉପରେ ତୁମର ପ୍ରମୋସନ୍ ବୋଲି କର୍ମଚାରୀମାନଙ୍କୁ ପ୍ରଲୋଭନ ଦେଖାଇ, ବୀମା ରାଶି କରିନେଉଛନ୍ତି । ପର ବର୍ଷ ଗ୍ରାହକ ଆଉ ପ୍ରିମିଅମ୍ ଦେଇ ନ ପାରି ମୂଳ ପ୍ରିମିଅମ୍ ପଇସା ହରାଉଛି । ବୀମା କମ୍ପାନୀର ଲାଭ । ଆଇସିଆଇ ପ୍ରୁ ଲାଇଫ୍ ହେଉ କି ଫ୍ୟୁଚର୍ ଜେନେରାଲୀ ହେଉ, କି ବଜାଜ୍ ଆଲିୟାନ୍ସ କି ଭାରତୀ ଆକ୍ସା କି ଇଙ୍ଗବୈଶ୍ୟ କି ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ହେଉ । ପ୍ରତି ବୀମା କମ୍ପାନୀ ତାର ପ୍ରତି ମାନେଜରର ସାମର୍ଥ୍ୟ ବିଚାର କରୁଛି ସେ କେତେ ପୁଞ୍ଜି ଆଣି ପାରିଲା ତା ଉପରେ । ତେଣୁ ଆର୍ଥିକ ବଜାରରେ ପ୍ରତି ବର୍ଷ ପୂର୍ବ ବର୍ଷଠାରୁ ଅଧିକ ମାତ୍ରାରେ ଭୟ, ଆତଙ୍କ ଓ କ୍ଷତିର ବର୍ଷ ହେଉଛି ।

## ନେତାମାନେ ଘଣ୍ଟ ଘୋଡାଇବା ଚାହିଁଲେ ପୋଲିସ୍ ଢାଙ୍କୁଣୀ ଖୋଜେ

ମୁମ୍ବାଇ ପୋଲିସର ଅର୍ଥନୈତିକ ଅପରାଧ ଶାଖା (ଇକନମିକ୍ ଅଫେନ୍ସେସ୍ ୱିଂ) ୨୦୦୯ ଜାନୁଆରୀ ସୁଦ୍ଧା ୧୦ ମାସରେ ୪୦୦ କୋଟି ଟଙ୍କାର ଠକାମି ମାମଲା ରେଜିଷ୍ଟର୍ କରିଛି, ତା ଫଳ କଣ ହେଲା ତାକୁ ଶୁଣିଲେ ଆମ ବାଲେଶ୍ୱର ଚିଟ୍ ଫଣ୍ଡର ଫଳ କଣ ହେବ ଆପଣ ଭାବି ପାରିବେ । ଏ ହେଉଛି ଧଳାକାମିଜ୍ (ଧୋବଧାବଳିଆ ଲୋକଙ୍କ) ଅପରାଧର ଯୁଗ, ସାଧୁସନ୍ଥ ପୋଷାକରେ ଥିବା ଠକମାନଙ୍କ ଦୁନିଆ । ସେମାନେ ହିଁ ଟଙ୍କା-ପରିଚାଳିତ ନିର୍ବାଚନ ସଂଗ୍ରାମରେ ଏବଂ ୫ ବର୍ଷ ଭିତରେ ସାତ ପୁରୁଷ ଉଦ୍ଧାର କରିବାକୁ ଚାହୁଁଥିବା କେତେକ ଲୋକପ୍ରତିନିଧି ତଥା ମନ୍ତ୍ରୀଙ୍କ କଳା-ଟଙ୍କା-ଯୋଗାଣକାରୀ ଏଜେଣ୍ଟ ଭାବରେ ଅର୍ଥନୀତିକୁ ନିୟନ୍ତ୍ରଣ କରିବେ । ହଠାତ୍ ଧନୀ ହେବାର ସ୍ୱପ୍ନ ଦେଖୁଥିବା ଲୋକେ, ଗରିବ ହେଉ କି ଧନୀ, ହ୍ୱାଇଟ୍ କଲାର୍ କ୍ରିମିନାଲ ମାନଙ୍କ ପ୍ରାୟୋଜିତ କମ୍ପାନୀମାନଙ୍କରେ ପୁଞ୍ଜି ଲଗାଇବେ, ହଠାତ୍ ଧନୀ ହେବାର ପ୍ରବଳ ଇଚ୍ଛା ଲୋକଙ୍କୁ ଅନ୍ଧ କରିଦେବ, କିନ୍ତୁ ନେତାମାନେ ସଞ୍ଜୟର ଚକ୍ଷୁ ଧରି ଏପରି ଠକାଉଥିବା ଲୋକଙ୍କ ସାଥୀ ହୋଇ ଚଳନ୍ତି ସମ୍ପତ୍ତି ବଢାଉ ଥିବେ, ପ୍ରଯୋଜକ ଦିନେ ପଳାଇବ ଏ କଥା ନେତାମାନଙ୍କୁ ଜଣା, ପଳାଇଗଲେ ଠକର କୋଠାବାଡିକୁ ଅକ୍ତିଆର କରିନେବେ ।

ଆଜି ସାଗୁଆନ୍ ଗଛ ଲଗାଇବା ଲାଗି ଦୁଇ ଶହ ଟଙ୍କା ଦିଅ ୨୦ ବର୍ଷ ପରେ ଦୁଇ ଲକ୍ଷ ପାଇବ, ୧୦୦୦ ଗୁଣ ପାଇବ, ଗୋଟିଏ ମାଡ୍ରାସୀ ଚିକ୍ କମ୍ପାନୀ ଲିଖିତ ଦଲିଲ ଦେଇଥିଲା । ୧୯୮୬ରୁ ୨୦୦୩ ଭିତରେ କେତେ ଯେ ପ୍ଲାଣ୍ଟେସନ (ଗଛଲଗା) କମ୍ପାନୀମାନେ ଲୋକଙ୍କଠୁଁ କୋଟି କୋଟି ନେଇ ଉଭେଇ ଯାଉଥିଲେ! ୨୦୦୩ ଅପ୍ରେଲରେ ମହାରାଷ୍ଟ୍ର ସରକାର 'ଜମାକାରୀଙ୍କ ସ୍ୱାର୍ଥ (ଆର୍ଥିକ ସଂସ୍ଥାମାନଙ୍କରେ) ରକ୍ଷା ଆଇନ' Maharashtra Protection of Interests of Depositors (in Financial Establishments) ଆମନ୍ଦ ପ୍ରଣୟନ କଲେ । କେନ୍ଦ୍ର ସରକାରଙ୍କ କମ୍ପାନୀ ବ୍ୟାପାର ମନ୍ତ୍ରଣାଳୟ (ଏମ୍ସିଏ)ର

ହିସାବ ଅନୁଯାୟୀ ୧୯୮୬ରୁ ୨୦୦୭ ଭିତରେ ପ୍ରାୟ ୧୩,୦୩୮ଟି ଗଛଲଗା କମ୍ପାନୀ ରେଜିଷ୍ଟ୍ରି ହୋଇଛି, ସେ ସବୁ ଗଲେ କୁଆଡେ । କେତେକ କମ୍ପାନୀ ରାଜ୍ୟର ଏପରି ଆଇନ କରିବା ଅଧିକାର ନାହିଁ ବୋଲି ବମ୍ବେ ହାଇକୋର୍ଟକୁ ଗଲେ । କୋର୍ଟ ୨୦୦୫ ସେପ୍ଟେମ୍ବରରେ ଏ ଆଇନକୁ ରଦ୍ଦ କଲେ । ଠକାମି ମକଦମା ସବୁ ଠପ୍ ହୋଇଗଲା । ରାଜ୍ୟ ସରକାରଙ୍କ ଅପିଲ ସୁପ୍ରିମ୍ କୋର୍ଟରେ ଏବେ ବି ବିଚାରାଧୀନ ଅଛି । ଠକମାନେ ନୂଆ ନୂଆ କୌଶଳ କାଢି ଲୋକଙ୍କୁ ଠକେଇ ଚାଲିଛନ୍ତି । ବିଳମ୍ବ ହେଲେ ଅପରାଧୀମାନେ ହିଁ ଉପକୃତ ହୁଅନ୍ତି ଏ କଥା କଣ ଆମ ବିଚାରପତିମାନେ ଜାଣି ନାହାନ୍ତି?

ଆମେରିକାରେ ପଞ୍ଜି ସ୍କିମ୍ ଆରମ୍ଭ କରିଥିବା ଇଟାଲୀୟ ଯୁବକ ଚାର୍ଲସ୍ ପଞ୍ଜି ୧୯୨୦ରେ ଦୋଷୀ ସାବ୍ୟସ୍ତ ହୋଇ ଜେଲ୍ ଗଲା । ତା ପରେ ସେ କେତେ ଥର ଯେ ଜେଲ ଯାଇଛି କହିହେବ ନାହିଁ । ୧୯୩୪ରେ ତାକୁ ଦେଶାନ୍ତର କରି ଇଟାଲୀ ପଠାଇଦିଆଗଲା । ୧୯୪୯ରେ ସେ କପର୍ଦ୍ଦକଶୂନ୍ୟ ହୋଇ ରାୟୋ ଡି ଜାନିରୋ ରେ ମୃତ୍ୟୁବରଣ କଲା । ୫୦ ବର୍ଷ କାଳ ପଞ୍ଜି ସ୍କିମ୍‌ରେ ଲୋକଙ୍କୁ ଭେଳିକି ଦେଖାଇ ହଜାର ହଜାର କୋଟି ଡଲାରର ମାଲିକ ହୋଇ ଦାନ ଖଇରାତ କରୁଥିବା ଓ ୱାଲ୍ ଷ୍ଟ୍ରିଟ୍‌ର ବ୍ୟାଙ୍କମାନଙ୍କରେ ଓ ସମ୍ପତ୍ତିରେ ପୁଞ୍ଜି ଲଗାଇଥିବା ଏବଂ ସଂଭ୍ରାନ୍ତ ଶ୍ରେଣୀରେ ଗଣ୍ୟ ହୋଇଥିବା ବାର୍ଣ୍ଣାର୍ଡ ଏଲ୍ ମାଡଫ୍ ନାମକ ଜଣେ ଲୋକକୁ ଠକାମି ଅଭିଯୋଗରେ ୨୦୦୮ ଡିସେମ୍ବର ୧୧ରେ ଗିରଫ କରାହେଲା, ୨୦୦୯ ମାର୍ଚ୍ଚରେ ମାର୍କିନ୍ ଅଦାଲତକୁ ଅଣାଗଲା । ସେ କୋର୍ଟରେ ମାନିଗଲା, ମୁଁ ଯେତେବେଳେ ପଞ୍ଜି ସ୍କିମ୍ ଆରମ୍ଭ କଲି, ଭାବିଥିଲି ଅଳ୍ପ ଦିନରେ ସରିଯିବ, ମୁଁ ଓ ମୋ ଖାତକମାନେ ଏଥିରୁ ମୁକୁଳିଯିବୁ । ଖସିବା କଷ୍ଟକର ହେଲା, ଅଧିକରୁ ଅଧିକ ଫସିଗଲି । ତା ପରେ ଖସିବା ଅସମ୍ଭବ ହେଲା । ଦିନେ ନା ଦିନେ ଗିରଫ ହେବି ଧରିନେଲି । ଲୋକଙ୍କୁ ଠକିଛି ବୋଲି ଏବେ ମୁଁ ସର୍ବସମକ୍ଷରେ କ୍ଷମା ଚାହୁଁଛି ।

୨୦୦୯ ଜୁନ ୨୯ରେ ରାୟ ପ୍ରକାଶ ପାଇଲା । ଫେଡେରାଲ୍ ଡିଷ୍ଟ୍ରିକ୍ଟ ଜଜ୍ ଡେନି ଚିନ୍ ୧୫୦ ବର୍ଷ ଜେଲ୍ ଦଣ୍ଡ ଦେଲେ । ଫେଡେରାଲ ପ୍ରବେସନ ଅଫିସ୍ ମାଗିଥିବା ପରିମାଣର ୨ ଗୁଣ ଓ ସରକାରୀ ଓକିଲମାନେ ଦାବି କରିଥିବା ପରିମାଣର ୧୦ ଗୁଣରୁ ବେଶି । ଶିକାର

ହୋଇଥିବା ଲୋକେ କହିହେଲେ ଆଜିଯାଏ ନିୟନ୍ତ୍ରକ ଓ ବିଧାୟକମାନେ ତାକୁ ରୋକି ପାରିଲେ ନାହିଁ, କି ଆର୍ଥିକ ଦୁର୍ଦ୍ଦଶାରେ କିଛି ସାହାଯ୍ୟ କଲେ ନାହିଁ । ଅଥଚ ଭୁଶୁଡି ପଡୁଥିବା ବ୍ୟାଙ୍କମାନଙ୍କ ପାଇଁ ଟ୍ରିଲିଅନ୍ ଟ୍ରିଲିଅନ୍ ଡଲାର ଦେଇପାରିଲେ । ବିଚାରପତି ଜାଣନ୍ତି ମାଡଫ୍ ବେଶି ଦିନ ବଞ୍ଚିବେ ନାହିଁ । ୭୨ ଚାଲିଥିବା ବୃଦ୍ଧ ଶ୍ରୀ ମାଡଫ୍‌ଙ୍କୁ ୧୫୦ ବର୍ଷର ଜେଲ୍ ଦଣ୍ଡ । ଜଜ୍ ଚିନ୍ କହିଲେ, ୩ଟି କାରଣରୁ ଦୃଷ୍ଟାନ୍ତମୂଳକ ଦଣ୍ଡର ଆବଶ୍ୟକତା ଅଛି - ଆନୁପାତିକ ଦଣ୍ଡ, ଭବିଷ୍ୟ ଅପରାଧୀଙ୍କୁ ରୋକିବାର ଓ ପୀଡିତମାନଙ୍କ ପାଇଁ ନ୍ୟାୟର ଏକ ପଦକ୍ଷେପ । ଏ ହେଉଛି ଏ ଯୁଗ ଉପରେ ରାୟ । ଆହରଣ କରାହୋଇଥିବା ପୁଞ୍ଜି ଫେରସ୍ତ ବ୍ୟବସ୍ଥା, ଦୁର୍ବଳ ପ୍ରଶାସନିକ ନିୟନ୍ତ୍ରଣ, ବିପଦ-ଆଶଙ୍କା ନିରୂପଣରେ ଜ୍ଞାନର ଅଭାବ, ଅର୍ଥଲଗାଣସଂସ୍ଥା ଗୁଡିକର କୁପରିଚାଳନା - ଏ ସବୁ ଉପରେ ରାୟ । ଗିରଫ ପୂର୍ବରୁ ମାଡଫ୍ ଥିଲା ୱାଲ୍ ଷ୍ଟ୍ରିଟ୍‌ର ସମ୍ମାନାସ୍ପଦ ରାଜନେତା, ଦୂରଦୃଷ୍ଟି ଲାଗି ଜଣାଶୁଣା, ଲକ୍ଷ ଲକ୍ଷ ଗ୍ରାହକଙ୍କ ବିଶ୍ୱାସଭାଜନ, ବିଳାସପୂର୍ଣ୍ଣ ଜୀବନ ଶୈଳୀ । ତାହାର ବଡ ବଡ କୋଠା, ନୌକା ଭେଳା, ଫ୍ରେଞ୍ଚ ଭିଲା ଆଦି ହେଲା ଲୋକଙ୍କ ରାଗର ଜାଳେଣୀ । ମାଡଫ୍ ଯେ ଏକ ବିରାଟ ଠକାମିର ମୁଖ୍ୟ ଏ କଥା ସେକ୍ୟୁରିଟିଜ୍ ଆଣ୍ଡ ଏକ୍ସଚେଞ୍ଜ କମିସନକୁ ଜଣା ଯାଇଥିଲେ ବି କାହିଁକି ସେମାନେ ପଦକ୍ଷେପ ନେଲେ ନାହିଁ, ସରକାର ତଦନ୍ତ କରୁଛନ୍ତି- ସେକ୍ୟୁରିଟିଜ୍ ଇନ୍‌ଭେଷ୍ଟର୍ସ ପ୍ରଟେକ୍ସନ୍ କର୍ପୋରେସନ୍ କାହିଁକି ଆଗରୁ ଦେଖିଲା ନାହିଁ ।

ଏତେ ଡଲାର ମାଡଫ୍ କଣ କଲେ, କେଉଁଠି ରଖିଲେ କହୁ ନାହାନ୍ତି । ଆଉ କେଉଁମାନେ ଏ କେଳଙ୍କାରିରେ ଜଡିତ, ମାଡଫ୍ କହୁନାହାନ୍ତି । ତାଙ୍କ ସ୍ତ୍ରୀ ୬୫ ନିୟୁତ ଡଲାର ପାଇବାକୁ ଦାବି କରୁଛନ୍ତି । ବିଭିନ୍ନ ପୁରସ୍କାରରେ ଭୂଷିତ ଫିଲ୍ମ ନିର୍ମାଣକାରୀ ଜର୍ଜ ନିଅରେନ୍‌ବର୍ଗ **(George Nierenberg)** ଙ୍କ ପରିବାର ତାଙ୍କର ସବୁ ଡଲାର ମାଡଫ୍ ପାଖରେ ହରାଇଛନ୍ତି । ଅନେକ ସାକ୍ଷୀ ଭିତରୁ ଯେଉଁ ମୁଷ୍ଟିମେୟଙ୍କୁ ସାକ୍ଷ୍ୟ ଦେବାର ସୁଯୋଗ ମିଳିଥିଲା ନିଅରେନ୍‌ବର୍ଗ ତହିଁରୁ ଜଣେ । ସରକାରୀ ଓ ମାଡଫ୍ - ଦୁହିଁଙ୍କ ଉକ୍ତିରେ ଆକାଶ ପାତାଳ ପ୍ରଭେଦ, ମାଡଫ୍ ତାର ଦୋଷ ମାନୁନାହିଁ । ଦଣ୍ଡ ଘୋଷଣା ପୂର୍ବରୁ ଦୁଇ ପକ୍ଷ ମଧ୍ୟରେ ଥିବା ବ୍ୟବଧାନକୁ ବୁଝିବାର ଚେଷ୍ଟା କରାଯାଏ, ତାକୁ ଫାଟିକୋ ହିଅରିଂ (Fatico) କୁହନ୍ତି ।

ଠକାମି, ଡଲାର ଚାଲାଣ, ମିଥ୍ୟା ପ୍ରଲୋଭନ, ଚୋରି ଆଦି ୧୧ଟି ବିଭିନ୍ନ ଦଫାରେ ଅଭିଯୋଗକୁ ମାଡଫ୍ (୭୦) ମାନି ନେଲେ, ମୋଟରେ ୧୫୦ ବର୍ଷର ଜେଲ୍ ଦଣ୍ଡ ମିଳିଲା । ମାଡଫ୍‌ଙ୍କ ଓକିଲ ଇରା ଲି କୋର୍କିନ୍ ଜଜ୍ ଚିନ୍‌ଙ୍କୁ ମନାଇବାକୁ ଚାହିଁଲେ, ଦଣ୍ଡ ଘୋଷଣା ହେବା ପର୍ଯ୍ୟନ୍ତ ମାଡଫ୍‌ଙ୍କୁ ଜିମାନାମାରେ, ତାଙ୍କ ଘରେ ଗୃହବନ୍ଦୀ ଭାବେ ରହିବାକୁ, ଛାଡି ଦିଆ ଯାଉ । ଜଜ୍ ନାହିଁ କଲେ, ବେଲ୍ ଉଠାଇ ଦେଲେ । ଲସ୍ ଆଞ୍ଜେଲେସ୍‌ର ମହିଳା ଆଡ୍ରିଆନେ ବାୟୋଣ୍ଡୋ ତାଙ୍କ ସାତ ପୁରୁଷର ରୋଜଗାର ବା ସମ୍ପତ୍ତିକୁ ନଷ୍ଟ କରିଥିବା ମାଡଫ୍‌ଙ୍କୁ ଦେଖି କୋହ ସମ୍ଭାଳି ପାରିନଥିଲେ । ୨୪ତଳ କୋର୍ଟରୁମ୍ ଓକିଲ ଓ ଶରବ୍ୟ ମାନଙ୍କରେ ଭର୍ତ୍ତି ଥିଲା ।

ଜଜ୍ ପଚାରିଲେ, ତୁମେ କଣ କଲ କୁହ । ମାଡଫ୍ କହିଲା, ନ୍ୟାୟାଧୀଶ, ମୁଁ ୨୦୦୮ ଡିସେମ୍ବର ୧୧ ରେ ଗିରଫ ହେବା ପର୍ଯ୍ୟନ୍ତ ବର୍ଣ୍ଣାର୍ଡ ଏଲ୍. ମାଫ୍ ସେକ୍ୟୁରିଟିଜ୍ ଏଲ୍ଏଲ୍‌ସି ନାମକ ମୋର ଏକ କମ୍ପାନୀ ଜରିଆରେ ପଞ୍ଜି ବେପାର କରୁଥିଲି ।

ଆମେରିକାରୁ ବିଦେଶକୁ ବ୍ୟାପିଗଲା । ହେଜ୍ ଫଣ୍ଡ, ଦାତବ୍ୟ ପାଣ୍ଠି, ଖ୍ୟାତନାମା ଲୋକେ – ସମସ୍ତେ ମାଡଫ୍ ଜାଲରେ ଫସିଗଲେ । ହଜାର ହଜାର ନିବେଶକାରୀ ଭୁଲ କରୁ ନଥିବେ, ତହିଁରେ ପୁଣି ଅଛନ୍ତି ନିଉଜର୍ସିର ସିନେଟର୍ ଫ୍ରାଙ୍କ୍ ଲଉଟେନ୍‌ବର୍ଗ, ହଲ୍ ଅଫ୍ ଫେମ୍‌ର ସାଣ୍ଡି କୋଉଫାକ୍ସ, ନୋବେଲ ପୁରସ୍କାର ବିଜୟୀ ଏଲି ୱିଜେଲ୍ ଚଳାଉଥିବା ଚାରିଟି । ମାଡଫ୍‌ଙ୍କ କମ୍ପାନୀ ଭୁଶୁଡିଲା ମାନେ ତାଙ୍କ ଖାତକମାନେ ଜମା ରଖିଥିବା ୬୫ ବିଲିଅନ୍ ଡଲାର ପାଣିରେ ପଡିଗଲା । ମାଡଫ୍‌ଙ୍କ ବ୍ୟବସାୟରୁ କୋର୍ଟ ନିଯୁକ୍ତ ଲିକ୍ୟୁଡେଟର୍ ମାତ୍ର ୧ ବିଲିଅନ୍ ଡଲାରର ହିସାବ ପାଇଛନ୍ତି ।

ନିବେଶ ଉପରେ ଆୟ ଦିଆଯାଏ ପରବର୍ତ୍ତୀ ନିବେଶକାରୀମାନଙ୍କ ମୂଳ ପୁଞ୍ଜିରୁ, ପ୍ରାୟୋଜକ ପାଉଥିବା ଲାଭରୁ ନୁହେଁ । ଯେ ପର୍ଯ୍ୟନ୍ତ ନୂଆ ନିବେଶକାରୀ ମାନେ କଞ୍ଚା ପଇସା ଧରି ପଶୁଥିବେ, ଓ ପୁରୁଣା ନିବେଶକାରୀମାନେ ଏକାବେଳକେ ବା ବେଶି ପରିମାଣରେ ସେମାନଙ୍କ ଜମା ରାଶିରୁ ଧନ ଉଠାଉ ନଥିବେ, ସେତେବେଳେ ପର୍ଯ୍ୟନ୍ତ ପଞ୍ଜି ସ୍କିମ୍ ଚାଲିଥିବ । ପିରାମିଡ୍ ତ ! କ୍ରମବର୍ଦ୍ଧିଷ୍ଣୁ ସ୍ତର ସ୍ତରରେ ନୂଆ ନୂଆ ପ୍ରବେଶକାରୀମାନେ ହିଁ କ୍ଷୁଦ୍ରାତିକ୍ଷୁଦ୍ର ପୁରୁଣା ପ୍ରବେଶକାରୀଙ୍କୁ ଲାଭ ଯୋଗାଉଥିବେ । ନୂଆ ପ୍ରବେଶକାରୀଙ୍କ ସଂଖ୍ୟା କମିଲା

ମାନେ କିମ୍ବା ପୁରୁଣା ଲୋକେ ବେଶି ଉଠାଇନେଲା ମାନେ ପିରାମିଡ୍ ଭୁଶୁଡିବ । ତେଣୁ ସ୍କିମର ପ୍ରଯୋଜକ ଉଭାନ ହୋଇଯିବ ।

ଯେ ପର୍ଯ୍ୟନ୍ତ ଆମ ଦେଶର ବିଚାର ପଦ୍ଧତି ଆର୍ଥିକ ଅପରାଧ ଉପରେ କଠୋର ଦଣ୍ଡ ନ ଦେଉଥିବ, ଶୁଣାଣିରେ କାଳକ୍ଷେପଣ ନୀତି ଗ୍ରହଣ କରୁଥିବ, ସେ ପର୍ଯ୍ୟନ୍ତ ସାଧାରଣ ଲୋକେ ବିଭିନ୍ନ ଉପାୟରେ କୋଟି କୋଟି ମାରୁଥିବା ଠକଙ୍କ ଶିକାର ହେଉଥିବେ ଓ ପ୍ରତି ବର୍ଷ ପୂର୍ବ ବର୍ଷଠାରୁ ଅଧିକ ମାତ୍ରାରେ ଭୟ, ଆତଙ୍କ ଓ କ୍ଷତିର ବର୍ଷ ହେଉଥିବ ।

୧୯୯୨-୯୩ରୁ ଆମ ରାଜ୍ୟ ସରକାରଙ୍କ ତତ୍କାଳୀନ ମୁଖ୍ୟ ସଚିବଙ୍କ ସହ ରାଜସ୍ୱ ସଚିବ ମାନ୍ଦ୍ରାଜରେ ଅବକାରୀ ନୀତି ସମ୍ପର୍କରେ ଅନୁଧ୍ୟାନ କରିବାକୁ ଯିବା କାଳରେ ସେଠାକାର ଚିଟ୍ ଫଣ୍ଡ କାରବାରକୁ ନିୟନ୍ତ୍ରଣ କରୁଥିବା ମାଡ୍ରାସ୍ ଆଇନର କପି ଆଣିଥିଲେ, ପ୍ରତି ଚିଟ୍ ଫଣ୍ଡ ରାଜ୍ୟରେ ରେଜିଷ୍ଟର୍ଡ ହେଉ ଓ ତାହାର କାର୍ଯ୍ୟକଳାପ ରାଜସ୍ୱ ପର୍ଷଦ ଅଧୀନରେ ଇନିସ୍ପେକ୍ଟର ଜେନେରାଲ ଅଫ୍ ରେଜିଷ୍ଟ୍ରେସନ୍‌ଙ୍କ ଦ୍ୱାରା ନିୟନ୍ତ୍ରିତ ତଥା ରାଜ୍ୟ ଅଡିଟରଙ୍କ ଦ୍ୱାରା ଯାଞ୍ଚ ହେଉ ବୋଲି ରାଜସ୍ୱ ସଚିବ ପ୍ରସ୍ତାବ ଦେଇଥିଲେ । ସେବେଳର ଚିଟ୍ ଫଣ୍ଡ ମାଲିକମାନେ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଲୋକ, ଖୋଦ୍ ସାଂସଦ ତଥା ବିଧାୟକଙ୍କୁ ଫଣ୍ଡର ଉଦ୍‌ଘାଟନରେ ଭୁକ୍ତ କରାଇ ବା ତାଙ୍କ ସମ୍ପର୍କୀୟଙ୍କୁ ଫଣ୍ଡର ଅଂଶୀଦାର କରାଇ ଫଣ୍ଡ ବ୍ୟବସାୟକୁ ବୈଧାନିକ (ଲେଜିଟିମାଇଜ୍) କରୁଥିଲେ । ସରକାର ମଦ ବ୍ୟବସାୟ ନ କରନ୍ତୁ ବୋଲି ରାଜସ୍ୱ ସଚିବଙ୍କ ମତ ଯେପରି ରହିଲା ନାହିଁ ଚିଟ୍ ଫଣ୍ଡ୍ ନିୟନ୍ତ୍ରିତ ହେଉ ବୋଲି ତାଙ୍କର ପ୍ରସ୍ତାବ ସେହିପରି ନାକଚ ହୋଇଗଲା ।

ଗ୍ରାହକମାନଙ୍କ ଜାଲ (ବିଜିନେସ୍ ନେଟ୍‌ୱାର୍କିଂ) କରି ପାରିଲେ ବ୍ୟବସାୟରେ ଅସୀମ ଲାଭ କରିହେବ - ଏହି ଧାରଣା ବି ପିରାମିଡ୍ ଅଙ୍କ ଉପରେ ଆଶ୍ରିତ । ବିଜିନେସ୍ ନେଟ୍‌ୱାର୍କିଂ ଇଣ୍ଟର୍ନାସନାଲ୍ (ବିଏନ୍‌ଆଇ) ଇଣ୍ଡିଆ ବିଜ୍ଞାପନ କରେ, ୨୦ ହଜାର କୋଟି ଟଙ୍କା ସୁଯୋଗର ଭାଗୀଦାର ହେବା ହାତଛଡା କରିବ କି? ତୁମ ସମ୍ପର୍କକୁ ଏକରାର୍ ନାମା କର, ଚିହ୍ନା ଲୋକକୁ ଗ୍ରାହକ କର, କଣ୍ଟାକ୍ଟକୁ କଣ୍ଟ୍ରାକ୍ଟରେ ପରିଣତ କର । ଲକ୍ଷେ ଲୋକଙ୍କୁ ବ୍ୟବସାୟରେ ଭର୍ତ୍ତି କରିପାରିଲେ ତୁମେ କୋଟିପତି ବିଲିଅନେୟାର୍ ହୋଇପାରିବ । ମୋଦି


କେଆର୍ ବା ହିନ୍ଦୁସ୍ଥାନ ଲିଭର ନେଟ୍‌ୱାର୍କିଂ ବିଜିନେସ୍‌ର ମନ୍ତ୍ର ବି ଏଇୟା । ଏତେ ଲୋକ ତ ମୋଦିକେଆରରେ ପଶିଛନ୍ତି, କେତେଟା ବିଲିଅନେୟାର ତାଲିକାକୁ ଆସିଲେଣି? ନେଟୱାର୍କିଂ ବ୍ୟବସାୟରେ ଜଣେ ଆଉ ୫ ଜଣଙ୍କୁ ପାକୁଲେଇ ଫାକୁଲେଇ ଗ୍ରାହକ କରିନେବ, ଗ୍ରାହକ ଶବ୍ଦ ନ ଲଗାଇ ସଭ୍ୟ ବା ମେମ୍ବର ଶବ୍ଦ ଲଗାଇବ । ସାମାଜିକ ସମ୍ପର୍କ, 'ସୋସାଲ୍ ନେଟ୍‌ୱାର୍କ', କୁ ବଣିଜ ସମ୍ପର୍କରେ ପରିଣତ କର – ଏ ହେଲା ଉପଦେଶ । ଟଙ୍କା ପଇସା କାରବାର ସ୍ନେହ ମମତାକୁ ବଳିଦିଏ । ଆମେ ଜାଣୁ ସମ୍ପର୍କକୁ ନଷ୍ଟ କରିବାକୁ ଚାହଁ ତ ସାଙ୍ଗକୁ ତୁମ ବ୍ୟବସାୟରେ ଭର୍ତ୍ତି କରିଦିଅ । ବଣିଜ ପିରାମିଡ୍ କହେ, ଯଦି ଚିହ୍ନାପରଚ ବେଶି ନାହାନ୍ତି, ତେବେ ନେଟ୍‌ୱାର୍କିଂ ସମ୍ମିଳନୀ ଟାକ, ଲାଭ ନିଶା ଦେଇ ଉପସ୍ଥିତ ଲୋକଙ୍କୁ ଗ୍ରାହକ କରିନିଅ । ସେଇମିତି ମୋଦିକେଆର୍ ବା ହିନ୍ଦସ୍ଥାନଲିଭର ଗୋଷ୍ଠୀ ଗଢିଉଠିଛି । 'ତୁମର କେହି ରୋଟାରୀ, ଲାୟନ୍ ବା ରାଉଣ୍ଡ ଟେବୁଲ ର ସଭ୍ୟ ଥିଲେ କିମ୍ବା ବ୍ୟବସାୟରେ ୭ ବର୍ଷରୁ ଅଧିକ କାଳ ଥିଲେ ତାକୁ ବିଏନ୍‌ଆଇ ସଭାକୁ ନେଇଆସ, ଗୋଷ୍ଠୀରେ ପୁରେଇ ଦିଅ ।' – ଏ କଥା ବିଜିନେସ୍ ନେଟ୍‌ୱାର୍କିଂ ଇମ୍‌ଟରନାସ୍ନାଲ୍ ଇଣ୍ଡିଆର ମୁଖ୍ୟ କହନ୍ତି ।

ଆଉ ଗୋଟିଏ ଠକାମି ହେଉଛି ସେଆର୍ କିଣାବିକାର ଦଲାଲୀ ବା ବ୍ରୋକର୍ । ଅମୁକ ଫଣ୍ଡ ବେଶି ବଢୁଛି କହି ସେମାନେ ଯେଉଁ ଫଣ୍ଡରେ ସେମାନଙ୍କୁ ବେଶି ଦଲାଲୀ (ବ୍ରୋକେରେଜ୍) ମିଳେ ସେହିଥିରେ ପଶିବାକୁ କହନ୍ତି । ସାଧାରଣତଃ ଯେଉଁ ଫଣ୍ଡ ଯେତେ କମ୍ ବଢେ ତା ପ୍ରତି ଲୋକଙ୍କୁ ଆକୃଷ୍ଟ କରିବା ଲାଗି ତହିଁରେ ବେଶି ଦଲାଲୀ ଦିଆଯାଏ । ବିଏସ୍‌ଇ ନ୍ୟୁନତମ ଦଲାଲୀ (ବ୍ରୋକେରେଜ୍) ନିର୍ଦ୍ଦିଷ୍ଟ କରିନାହିଁ, କିନ୍ତୁ କଣ୍ଟ୍ରାକ୍ଟ ଦରର ସର୍ବାଧିକ ଶତକଡା ୨.୫ ସ୍ଥିର କରିଛି, ତା ଭିତରେ ମୂଲଚାଲ କରିହେବ । ଏବେ ଦଲାଲମାନେ ଇକ୍ୱିଟି ସେଆର ହସ୍ତାନ୍ତର ପାଇଁ ୧୦୦ ଟଙ୍କା ବା ତାର ଅଂଶ ପାଇଁ ୨୫ ପଇସା ନେଉଛନ୍ତି । ତହିଁରେ ବି ଠକାମୀ ଅଛି । ସେ ଠକାମିର କାରଣ କମ୍ପାନୀର ଲୋକେ ନିଜ ନିଜ ଭିତରେ କିଣାବିକା କରି ସେଆର୍‌ର ଦର ବଢାଇ ଦିଅନ୍ତି, ଲୋକେ ଭାବନ୍ତି ସେଆର୍‌ଟା ବଢୁଛି । ସତ କଥା ପରେ ଜଣା ପଡିଲା ବେଳକୁ ନିବେଶକ ବେଶ୍ କିଛି ହରାଇଥାଏ ।

ସତ୍ୟମ୍ କମ୍ପ୍ୟୁଟର୍ ସର୍ଭିସେସ୍ ନିଜ ନିଜ ଭିତରେ ସେଆର୍ କିଣାବିକା କରି ସେଆର୍ ଦାମ୍ ବଢାଉଥିଲା । ଏପରିକି ଭୁଶୁଡିବାକୁ ଯାଉଛି ଜାଣିଥିବା ଲୋକେ ବି· ରାମଲିଙ୍ଗା ରାଜୁ କମ୍ପାନୀ ଭୁଲ ହିସାବ ଦେଇ ଅଯଥା ଲାଭ ଦେଖାଇଛି କହିବା (ଜାନୁଆରୀ ୭, ୨୦୦୯) ର ପୂର୍ବ ଦିନ କମ୍ପାନୀର ଲୋକେ ତତ୍କାଳୀନ ଚଢା ଦାମରେ ସେଆର୍ ବିକିଛନ୍ତି, ସେମାନେ ଜାଣିଥିଲେ ଯେ ରାମରାଜୁ ସର୍ବସାଧାରଣରେ ପ୍ରକାଶ କରିବା କ୍ଷଣି ତାର ସେଆର୍ ଦାମ୍ ଖୁବ୍ କମିଯିବ । କେବଳ ନିଜ କର୍ମଚାରୀ ନୁହନ୍ତି, ଡିଏସ୍‌ପି ମେରିଲ୍ ଲିଞ୍ଚ୍, ଡିଏସ୍‌ପି ବ୍ଲାକ୍ ରକ୍ , ଆଇଏଲ୍‌ଏଫ୍ ଫାଇନାନ୍‌ସିଆଲ୍ ସର୍ଭିସେସ୍ ଓ ଡିଉଷ୍ଟେ ବ୍ୟାଙ୍କ୍ ଭଳି ବାହାରର ପୁଞ୍ଜିନିବେଶକାରୀମାନେ ସତ୍ୟମ୍ ଠକାମି ପ୍ରକାଶ ହେବାର କେଇ ଦିନ ପୂର୍ବରୁ ସେଆର୍ ବିକି ସାରିଥିଲେ । ୭୦୦୦ କୋଟି ଟଙ୍କାର ଏଭଳି ଠକ କମ୍ପାନୀକୁ ଉଦ୍ଧାର କରିବା ଲାଗି କେନ୍ଦ୍ର ସରକାର ୨୦୦୯ ଜାନୁଆରୀରେ ୫୦୦ରୁ ୨୦୦୦ କୋଟି ଯାଏ ଟଙ୍କା ଯୋଗାଇବାର ମସୁଧା କରିଥିଲେ । ତେଣେ ସିରିଅସ୍ ଫ୍ରଡ୍ ଇନ୍‌ଭେଷ୍ଟିଗେସନ୍ ଅଫିସ୍ (ଏସ୍‌ଏଫ୍‌ଆଇଓ) କୁ ସରକାର ସତ୍ୟମ୍ ଓ ତାର କୁଟୁମ୍ବ ମାନଙ୍କର ୮ଟି କମ୍ପାନୀର ଖାତା ତନଖି କରି ଠକାମାର ଯାଞ୍ଚ କରିବା ଲାଗି ଆଦେଶ ଦେଇଛନ୍ତି ।

ପୁଣି ଆଉ ଗୋଟିଏ ପିରାମିଡ୍ ବ୍ୟବସାୟ ହେଉଛି ଜମିବାଡି, ଘରଦ୍ୱାର ବିକ୍ରିବଟା କାରବାର, ରିଅଲ୍ ଇଷ୍ଟେଟ୍ କାରବାର । ଆଗକାଳରେ ରିଅଲ୍ ଇଷ୍ଟେଟ୍ ମାଲିକ ଏକ ମଧ୍ୟସ୍ଥର କାମ କରୁଥିଲା, କାହାର ବିକିବାର ଥିଲେ ଯାହାର କିଣିବାର ଅଛି ତାକୁ ଯୁଟାଉଥିଲା । ଏବେ କିନ୍ତୁ ପିରାମିଡ୍ ଅଙ୍କ । ୫୦ କି ୬୦ ଟି କିଆରି (ପ୍ଲଟ୍) ରଖିଥିବା ଲୋକ ୫୦ କି ୬୦ ମେମ୍ବରରେ ସନ୍ତୁଷ୍ଟ ରହେନାହିଁ, ୫୦୦ କି ୬୦୦ ବା ଆହୁରି ବେଶି । ଯେତେ ବେଶି ଲୋକ ମେମ୍ବର ହେବେ ସେତେ ବେଶି ଟଙ୍କା ମିଳିବ, ସେତେ ବେଶି ନୂଆ ନୂଆ ପ୍ଲଟ୍ ଜମି କିଣିହେବ, ପିରାମିଡ୍ ଆହୁରି ପ୍ରଶସ୍ତ ହେବ, ସେତେ ଶୀଘ୍ର ପ୍ରାୟୋଜକ ଅର୍ବୁଦପତି (ବିଲିଅନେୟାର୍) ହୋଇପାରିବ । ଯେଉଁମାନଙ୍କ ପାଇଁ ପ୍ଲଟ୍ ନଥିବ, ସବୁର କର କହି କାଳକ୍ଷେପଣ କରାଯିବ, ତା ଟଙ୍କା ଉପରେ ସୁଧ ବି ଦିଆଯିବ ନାହିଁ । ପାଟି କରୁଥିବା ମେମ୍ବର ବା ଦାଦା ମାନଙ୍କୁ ଦରକାର ହେଲେ ଶତକଡା ୫ କି ୬ ସୁଧ ଦେଇ ଟଙ୍କା ଫେରସ୍ତ ଦେବ । ନେତା ବା

ଅଧିକାରୀ ମାନଙ୍କୁ ପ୍ଲଟ୍ ଯୋଗାଇ ହାତ କରିଥିଲେ ପୋଲିସ୍ ଏତଲା ନେବ ନାହିଁ । ଏଣେ ଗୁଡାଏ ମାଗଣା ଟଙ୍କା ପାଇ ପ୍ରାୟୋଜକ ସାଧୁ ସନ୍ଥ ଭଳି ଦାନ ଖଇରାତ କରୁଥିବ, ସଭାସମିତିରେ ଅତିଥି ହେବାର ନିମନ୍ତ୍ରଣ ପାଉଥିବ ('କିଣୁଥିବ' କହିଲେ ଭଲ ହେବ) । ପଇସା ବେଶି ହେଲେ କଳାକୁ ଧଳା କରିବା ପାଇଁ କଲେଜ ଖୋଲିବ, ହସ୍‌ପିଟାଲ ବସାଇବ । ଲୋକ ଆଖିରେ କେତେ ଭଲ ଲୋକ ! ସେ ଯେ ଏତେ ଭଲ ହେବାପାଇଁ କେତେ ଲୋକଙ୍କ ଆଖିରେ ଧୂଳି ପକାଇଛି ତାହା କେହି ଦେଖିବାକୁ ଚାହେଁ ନାହିଁ । ବାଲ୍ମିକୀ ହୋଇଗଲା ପରେ ରତ୍ନାକର କଥା କିଏ ପଚାରେ - ଏ ହେଉଛି ଆମ ଧର୍ମ ଆମ ସଂସ୍କୃତିର ଶିକ୍ଷା ।



# ପିରାମିଡ ବଣିକରୁ ଶିକ୍ଷା

ଆମେରିକାର ଆୟକର ବିଭାଗକୁ ରେଭିନ୍ୟୁ ସର୍ଭିସ କହନ୍ତି । ଆମ ଆୟକର ବିଭାଗ ଠାରୁ ବେଶି ଟଣୁଆ ମନେକରାଯାଏ । ସେମାନେ ବି ଠକି ଗଲେ । ବର୍ଣ୍ଣି ମାଡଫ୍ ଏବଂ ଆର ଆଲେନ୍ ଷ୍ଟାନ୍‌ଫୋର୍ଡ ୮୦୦ କୋଟି ଡଲାରର ଜମା ରସିଦ୍, ସାର୍ଟିଫିକେଟ ଅଫ୍ ଡିପୋଜିଟ୍, ଠକେଇ କରିଥିଲେ । ଏହି ଠକେଇର ଶିକାର ହୋଇଥିବା ଲୋକେ ପଇସାଟିଏ ବି ଫେରି ପାଇନାହାଁନ୍ତି । କେ ମାଡ଼ଫ୍‌ଙ୍କ ଠାରୁ ଠକେଇରେ ଆଇଆର୍ ଏସ୍ ଡିସାବରେ ୭୦୦-୧୦୦୦ କୋଟି ଡଲାରର ଫେରସ୍ତ ଦିଆଯିବା କଥା । ଗତ ୨୦ ବର୍ଷରୁ ଅଧିକ ଆୟ ନଥିବା ହିସାବ ଉପରେ ଆଇଆରଏସ୍ କର ଆଦାର କରୁଛି, ଅଧିକ କର ଆଦାୟ ତ ଦୂରର କଥା, ପୁରୁଣା ହିସାବ ଉପରେ ଆଦାୟ କରିଥିବା ଡଲାର ଫେରସ୍ତ ଦେଉଛି । ୨୦୦୮ ଆର୍ଥିକ ବର୍ଷରେ ୧୦ କୋଟି ୬୦ ଲକ୍ଷ ରିଫଣ୍ଡ ଚେକ୍ ଦେଇଛି । ମୋଟରେ ୨୫୪୦୦ କୋଟି ଡଲାର ଫେରସ୍ତ ଦେଇସାରିଲାଣି ।

ପଞ୍ଜି ଓ ଅନ୍ୟପ୍ରକାରର ଠକାମିର ଭରଣା କରିବା ପାଇଁ ଯେଉଁ ଟିକସ ଆଦାର କରାଯାଏ ତାହାବି ଆଇଆରଏସ୍ କରିପାରୁନାହିଁ । ଏହା ଛଡ଼ା ଲୋକଙ୍କ କ୍ଷତିପୂରଣ ଉପରେ ସରକାର କିଛି କରୁନାହାଁନ୍ତି ।

ବର୍ଣ୍ଣାଡ଼ ମାଡଫ ଭଳି ପଞ୍ଜି ସ୍କିମ୍ ବା ନସୀର ଖାଁଙ୍କ ଭଳି ମଲ୍‌ଟିମାର୍କେଟିଂର ପିରାମିଡ଼ ସ୍କିମ୍ ଆଦି ଠକାମିର ଅନ୍ତ ନାହିଁ, ଥରେ ଆରମ୍ଭ ହେଲେ ଠକାମି ବଢ଼ି ବଢ଼ି ଚାଲିବ, ପ୍ରାୟୋଜକ ଦଣ୍ଡ ନ ପାଇଲା ଯାଏ । ପିରାମିଡ୍ ଏକ ମୁଣ୍ଡ ନଥିବା ଚେନ୍ । ଏଥିରେ କାହାକୁ ଜବରଦସ୍ତ ଭାଗନେବାକୁ କୁହାଯାଏ ନାହିଁ । ଲୋକେ ଇଚ୍ଛାକରି ଲୋଭର ବଶବର୍ତ୍ତି ହୋଇ ଏଥିରେ

ପଶନ୍ତି । ଅନ୍ୟ ପକ୍ଷରେ ପ୍ରାୟୋଜକ ଲୋକଙ୍କ ସହିତ ସାଙ୍ଗ ଭଳି କଥାବାର୍ତ୍ତା କରେ, ଲୋକେ ଅବିଶ୍ୱାସ କରନ୍ତି ନାହିଁ । ବରଂ ପ୍ରାୟୋଜକ ଦାନ ଖଇରାତରେ ଏତେ ଖର୍ଚ୍ଚ କରେ ଯେ ଲୋକେ ତାଙ୍କୁ ସାଧୁବୋଲି ମନେ କରନ୍ତି ଓ ଅଙ୍କଲ୍ (ମାମୁଁ) ବୋଲି ଡାକନ୍ତି ।

ସବୁଠାରୁ ବଡ଼କଥା ଯେ ଏଭଳି କାମରେ ବିଶ୍ୱସନୀୟତା ଆଣିବା ପାଇଁ ମାଡଫ୍ ଓ ମାଡଫ୍‌ଙ୍କ ଭଳି ଠକମାନେ ଆରମ୍ଭରେ ନିଜ ପରିବାରର ଲୋକଙ୍କୁ, ବନ୍ଧୁବାନ୍ଧବଙ୍କୁ, ଏବଂ ଚିହ୍ନା ତଥା ନାମୀ ଲୋକଙ୍କୁ ଏ କାମରେ ଭର୍ତ୍ତି କରନ୍ତି । ସେମାନଙ୍କୁ ଦିଆଯାଇଥିବା ରସିଦ୍ ସେମାନେ ଚାରିଆଡେ ଦେଖାନ୍ତି । ନିଜ ଘରର ଲୋକ ହୋଇଥିବାରୁ ସେମାନଙ୍କୁ ପାଉଣା ଫେରାଇବାରେ ଅସୁବିଧା ହୁଏ ନାହିଁ । କାରଣ ଦିଆହୋଇଥିବା ପଇସା ମୂଳ ହିସାବକୁ ଆସିଯାଏ, ପୁଞ୍ଜି କମେନାହିଁ ।

ବାହାର ଲୋକଙ୍କୁ ଭାଗରେ ପୁରାଇଲେ ସେମାନଙ୍କୁ ପ୍ରଥମେ ପ୍ରଥମେ କିଛି ଦିଆଯାଏ, ମୂଳ ନଛୁଇଁବା ପର୍ଯ୍ୟନ୍ତ । ସୁଧ ନାଁ କହି । ମୂଳ ଛୁଇଁବା ଆରମ୍ଭ କଲାକ୍ଷଣି ଠକ ଆଉ ଦିଏ ନାହିଁ, ଯଦି କଥା ରଖିବାକୁ ଦିଏ ତେବେ ତା ଚେକ୍ ବାଉନ୍‌ସ କରେ । କିଛି ଦିନ ପରେ ଦେବି କହି ସମୟ ଗଡ଼ାଏ । କାରଣ ସେ ଏତେ ଟଙ୍କା କେଉଁଠୁ ପାଇବ ଯେ ପ୍ରାପକଙ୍କୁ ମୂଳର ୩ଗୁଣ ଦେବ । ଏମିତି ଦିନେ ଅବସ୍ଥା ଆସିବ ବୋଲି ସେ ସରକାରୀ ଅଧିକାରୀ, ମନ୍ତ୍ରୀ ତନ୍ତ୍ରୀ, ଯେଉଁମାନଙ୍କ ନାଁ କୁ ଧୋଇ ଖାଇପାରିବ ସେମାନଙ୍କୁ ସେ ଏହି ସ୍କିମରେ ପୁରାଏ । ସେମାନେ ରୀତିମତ ଫେରସ୍ତ ପାଇ ଏକ ପ୍ରକାରର ପ୍ରଚାର-ମାଧ୍ୟମ ହୋଇ ଯାଆନ୍ତି । ହେଇ ଦେଖୁନ, ଅମୁକ ତାଙ୍କ ପୁରା ପଇସା ଫେରସ୍ତ ପାଉଛନ୍ତି, ପଚାରି ବୁଝ । ତୁମକୁ କାହିଁକି ଠକିବି । କିଛି ଦିନ ଅପେକ୍ଷା କର ଫେରସ୍ତ ପାଇଯିବ । ଏଥିପାଇଁ ସେ କେତେକ ଫୋନ୍ ନମ୍ବର ବି ଦିଏ ।

ଅପେକ୍ଷା କରିବାର ଅନ୍ତ ଆସେନାହିଁ । କାଳେ ଅଭିଯୋଗ କରିବ, ଅପରାଧ ବୋଲି ଥାନାରେ ଏତଲା ଦେବ, ତାହା ଅଟକାଇବାକୁ ଗୋଟିଏ କାଛ ଛିଡ଼ା କରନ୍ତି ପୋଲିସ୍ ମାନଙ୍କୁ ଭାଗିଦାର କରି । ସେମାନଙ୍କ ଟଙ୍କାକୁ ତିନିଟଙ୍କା କରିଦିଅନ୍ତି, ନଚେତ୍ ସେମିତିକା ଲାଞ୍ଚ

ଦେବାକୁ ପଡ଼ନ୍ତା । ଟଙ୍କାକ ଉପରେ ଯେଉଁ ଦିଟଙ୍କା ଅଧିକା ଦିଆଗଲା, ତାହା ସୁଧ ନୁହେଁ, ଏକ ପ୍ରକାର ଲାଞ୍ଚ । କିନ୍ତୁ ସେହି ଗୁଡ଼ିକ ଉଦାହରଣ ହୋଇଯାଏ ନିରୀହ ଲୋକଙ୍କ ପାଇଁ, ସେମାନେ ବିଶ୍ୱାସ ଆସେ ଓ ସେମାନେ ପୁଞ୍ଜି ଲଗାନ୍ତି । ମୂଳଟଙ୍କା ଯେତେବେଳେ ମିଳେ ନାହିଁ, ମକଦ୍ଦମା କଲାବେଳକୁ ନେଡିଗୁଡ କହୁଣିକି ବୋହିଯାଇଥାଏ ।

ଠକାମି ବଢ଼ାଇବା ପାଇଁ ମାଡଫ୍ ଯେପରି କରୁଥିଲେ ସେପରି କରାଯାଏ । ହଲିଉଡର ତାରକାମାନଙ୍କ ହିସାବ, ୱାଲଷ୍ଟ୍ରିଟର ବନ୍ଧୁମାନଙ୍କ ପୁଞ୍ଜି । କିଛି କିଛି ଲଗାଇ ସେ ତାର ଫାଇଦା ଉଠାଉଥିଲା । ହଲିଉଡ୍ର ଅଭିନେତାମାନଙ୍କୁ କହିବ କିପରି ୱାଲଷ୍ଟ୍ରିଟର ଲୋକମାନେ ତାଙ୍କପାଖରେ ପଇସା ରଖୁଛନ୍ତି । ଏଣେ ୱାଲଷ୍ଟ୍ରିଟ୍ର ଲୋକମାନଙ୍କୁ କହିବ ହଲିଉଡ୍ର ତାରକାମାନେ ପଇସା ରଖିବାକୁ ଦଉଡୁଛନ୍ତି । ଆମଦେଶରେ ଆଇପିଏସ୍ ମାନଙ୍କୁ କହିବ କିପରି ଆଇଏଏସ୍ମାନେ ରଖୁଛନ୍ତି । ସେହିପରି ଆଇଏଏସ୍ମାନଙ୍କୁ କହିବ କିପରି ଆଇପିଏସ୍ମାନେ ରଖୁଛନ୍ତି । ବ୍ୟବସାୟୀ ବା ଦୋକାନୀକୁ କହିବ କିପରି ଆଇଏଏସ୍ ଓ ଆଇପିଏସ୍ମାନେ ରଖୁଛନ୍ତି । ସାଧାରଣ ଲୋକଙ୍କୁ କହିବ କେମିତି ବଡ଼ ବଡ଼ ବ୍ୟବସାୟୀମାନେ ତା ପାଖରେ ପଇସା ରଖି ବ୍ୟବସାୟ ବଢ଼ାଉଛନ୍ତି ।

କେହି ସନ୍ଦେହ କଲେ ଜଣେ ଦିଜଣଙ୍କ ଫୋନ୍ ନମ୍ବର ଦେଇ ସେମାନଙ୍କଠାରୁ କଥାଟା ସତ କି ମିଛ ବୁଝିନେବାକୁ କହେ । ଜଣେ ଦୁଇଜଣଙ୍କ ଉଦାହରଣରେ ହଜାର ହଜାର ଲୋକ ଏହି ସ୍କିମ୍କୁ ଡେଇଁ ପଡନ୍ତି ।

ସ୍କିମ୍ ଆରମ୍ଭ କଲାବେଳକୁ ଏକ ଅଫିସ୍ ଖୋଲି ମନ୍ତ୍ରୀ କିମ୍ବା ମନ୍ତ୍ରୀଙ୍କ ସମ୍ପର୍କୀୟଙ୍କୁ ଡାଇରେକ୍ଟର କରି ରଖିବ । ଗୁଡାଏ ପାଇଥିବାରୁ କୋଠା କରିବ । କୋଠା ହେବ ତାର ଠିକଣା, ଲୋକେ ଠିକଣା ଦେଖି ବିଶ୍ୱାସ କରିବେ । ଅସୁବିଧା ପଡିଲେ ସେ କୋଠାଛାଡି ଚାଲିଯିବ ଏକଥା ଲୋକେ ଭାବନ୍ତି ନାହିଁ ।

ସେ ଠକୁଛି ବୋଲି ସରକାର ବା ଆଇନ୍ ତାକୁ ନଧରି ଯେଉଁମାନେ ଠକି ଯାଉଛନ୍ତି ସେମାନଙ୍କୁ ଦୋଷ ଦିଏ । ଲୋଭ କାହିଁକି କରୁଛ ବୋଲି ଓଲଟା ପ୍ରଶ୍ନ କରେ । ଲୋକ ଯଦି ତାର ପ୍ରାପ୍ୟ ଲାଗି ସରକାରୀ ଦପ୍ତରକୁ ଆସି ଠକାମୀର ଶିକାର ହୁଏ, ସେମାନେ ଲୋଭର ଶିକାର ହୋଇ ଠକି ହେଉଛନ୍ତି ବୋଲି କହିହେବ କି? ଏହି ପିରାମିଡ଼ ଅଙ୍କ ଉପରେ ଆଧାର କରି ବ୍ୟବସାୟ ବା ଋଣ କାରବାର କରିବା ଯେ ମୂଳରୁ ଏକ ଠକାମି – ସରକାର ବା ଆଇନ୍ ତାହା ଦେଖୁନାହିଁ କାହିଁକି ? ଯିଏ କହେ ତିନିମାସରେ ଟଙ୍କାକ ତିନିଟଙ୍କା କରି ଫେରାଇବ, ତିନିମାସରେ ଶତକଡ଼ା ୨୦୦ ସୁଧ ଦେବ ସେ ଏତେ ପଇସା କେଉଁଠୁ ଆଣିବ ? କୋଉ ବ୍ୟବସାୟ କଲେ ସେ ଏତେ ପଇସା ପାଇବ? ଏମିତି ଲାଭ କରିବା ପାଇଁ ଦିନକ ଭିତରେ ବିକ୍ରି ହେଉଥିବା ସାମଗ୍ରୀ ବିକିବ, ଯଥା ଚେନାଚୁର ବା ଗୁପ୍‌ଚୁପ୍ । ଦିନକୁ ଟଙ୍କାକରେ ଦଶପଇସା ଲାଭ ହୋଇ ପାରେ, ମାସକୁ ତିନିଟଙ୍କା, ବର୍ଷକୁ ଛତିଶ ଟଙ୍କା । ତେଣୁ ବର୍ଷକରେ ଟଙ୍କାକ ସଇଁତିରିଶି ଟଙ୍କା । କିନ୍ତୁ କେତେ ଟଙ୍କାର ବ୍ୟବସାୟ କରିପାରିବ? ଦିନକୁ ଶହେଟଙ୍କାର ଚୁପ୍‌ଚୁପ୍ ବିକିବା କଷ୍ଟକର । ଶହ ଶହ କୋଟି ଟଙ୍କାର ଠକାମି ପୁଞ୍ଜିକୁ ଗୁପ୍‌ଚୁପ୍‌ରେ ଲଗାଇପାରିବ ନାହିଁ । ଅର୍ଥାତ୍ ଏମତି କୌଣସି ବ୍ୟବସାୟ ନାହିଁ ଯାହା ତାହାକୁ ସବୁଦିନେ କୋଟିଏ ଟଙ୍କାର ପୁଞ୍ଜି ଉପରେ ପାଞ୍ଚକୋଟି ଲେଖାଏଁ ଲାଭ ହେବ । ସେମିତି ହେଉଥିଲେ ବ୍ୟାଙ୍କମାନେ ବେଶିରୁ ବେଶି ଶତକଡ଼ା ପନ୍ଦର ଷୋହଳ ଟଙ୍କାରେ କାହିଁକି ଲଗାନ୍ତେ? ତୁମେ ଯଦି ନିଜ ଟଙ୍କା କିଏ ଚୋରି କରିନେଉ ବୋଲି ଚାହଁ, ତେବେ ଏ ଭଳି ଲୋକପାଖରେ ଟଙ୍କା ରଖିବ । ଏମାନେ ଚୋର ଓ ଖଣ୍ଟଙ୍କଠାରୁ କେଉଁଗୁଣରେ କମ୍ କି ? ଟଙ୍କାକରେ ତିନି ଟଙ୍କା ଦେବାକୁ ହେଲେ ତାର ରୋଜଗାର ଟଙ୍କାକରେ ପାଞ୍ଚଟଙ୍କା ହେବା ଦରକାର । କାରଣ ଏସବୁ କାମ କରିବା ପାଇଁ ତାକୁ ଗୁଡ଼ାଏ କର୍ମଚାରୀ ବା ଏଜେଣ୍ଟ

ଲଗାଇବାକୁ ପଡ଼ିବ ଓ ସେମାନଙ୍କୁ କମିସନ ବା ଦରମା ଦେବ, ଲୋକଙ୍କ ଜମାର ହିସାବ ରଖିବାକୁ ଅଫିସ ଚଳାଇବାକୁ ପଡ଼ିବ, କର୍ମଚାରୀ ଦରମା ଦେବାକୁ ପଡ଼ିବ, ସାର୍ଟିଫିକେଟ ବା ଚିଠିପତ୍ର ଲାଗି ଖର୍ଚ୍ଚ ତ ଅଛି । ଅଫିସ୍ ଖର୍ଚ୍ଚ

କାଗଜପତ୍ର ଖର୍ଚ୍ଚ, କର୍ମଚାରୀଙ୍କ ଦରମା ସାଙ୍ଗକୁ ଘରଭଡା, ନିଜର ଯିବାଆସିବା ଖର୍ଚ୍ଚ, ନିଜ ପରିବାର ଚଳାଇବାପାଇଁ ଖର୍ଚ୍ଚ - ଏ ସବୁ ଉଠାଇ ପାରିଲେ ତ ଟଙ୍କାକୁ ତିନି ଟଙ୍କା ଫେରାଇପାରିବ ! ଠକାମି ଛଡା ଆଉ କୋଉ କାମ ଅଛି ଯେଉଁଠି ଟଙ୍କାଟିଏ ଲଗାଇ ବସି ବସି ଛଅଟଙ୍କା ଫେରି ପାଇବ?





ମେଧାବୀ ଛାତ୍ର ହିସାବରେ ନାଁ କରିଥିବା ସହଦେବ ସାହୁ କିଛି ଦିନ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ଓ ଶାନ୍ତିନିକେତନର ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟରେ ରାଜନୀତି ଅଧ୍ୟାପନା ପରେ ୧୯୬୪ରୁ ୨୦୦୦ ପର୍ଯ୍ୟନ୍ତ ଓଡ଼ିଶାରେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଭାବେ କାର୍ଯ୍ୟ କରିଥିଲେ । ୧୯୯୯ ଫେବୃଆରୀ ୨୨ରୁ ଅକ୍ଟୋବର ୧୦ ଯାଏ ମୁଖ୍ୟ ଶାସନ ସଚିବ ଥିଲେ । ସ୍ୱେଚ୍ଛାକୃତ ଅବସର ନେଇ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୂଳପତି ଭାବେ ୨୦୦୩ ଯାଏଁ କାର୍ଯ୍ୟ କରିଥିଲେ ।

ବନ୍ଧନମୁକ୍ତ ପ୍ରାବନ୍ଧିକ (ଫ୍ରିଲାନ୍‌ସ ରାଇଟର) ଭାବେ ଓ ଗଣମାଧ୍ୟମରେ ଅବାଧ ମନ୍ତବ୍ୟ ପ୍ରକାଶ କରିବାରେ ଶ୍ରୀ ସାହୁ ବେଶ୍ ପରିଚିତ । ଶ୍ରୀ ସାହୁଙ୍କ ଲେଖନୀରୁ ବିଭିନ୍ନ ସ୍ୱାଦର ଓ ବିଭିନ୍ନ ପାଠକ ଗୋଷ୍ଠୀ ଲାଗି ଉଦ୍ଦିଷ୍ଟ ୪୦ରୁ ଅଧିକ ପୁସ୍ତକ ଏବଂ ଶହ ଶହ ପ୍ରବନ୍ଧ ତାଙ୍କ ପ୍ରତିଭାର ପରିଚୟ ଦିଏ । ସାରସ୍ୱତ ଓ ସାଂସ୍କୃତିକ ସୃଷ୍ଟି ତଥା ସାମାଜିକ ଚେତନା ଜାଗରଣ ଲାଗି ଦେଶ ବିଦେଶରେ ବହୁତ ପୁରସ୍କାର, ସମ୍ମାନ ଓ ଉପାଧିରେ ଭୂଷିତ ।

ପ୍ରକାଶକ

PH ପବ୍ଲିଶିଂ ହାଉସ୍
ଭୁବନେଶ୍ୱର